(ଭାରତର ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩, ଉପଖଣ୍ଡ (୨)ରେ ତା ୬ ଜାନୁୟାରୀ, ୨୦୧୧ରେ ପ୍ରକାଶିତ ହେବା ନିମନ୍ତେ)

# ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା

## ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ

### (ପରିବେଶ, ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗ)

ଏସ୍.ଓ. (୧୯ଇ) - ପରିବେଶ (ସୁରକ୍ଷା) ଆଇନ, ୧୯୮୬ର ଧାରାର ଉପଧାରା (୧) ଓ ଧାରା ୩ ର ଉପଧାରା (୨)ର ଖଣ୍ଡ (୫)ଅଧିନରେ ଅଧିସୂଚନାର ଏକ ଚିଠା ଦଲିଲ ପ୍ରସ୍ତୁତି କରି ଉପକୂଳ ଅଞ୍ଚଳକୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଘୋଷଣା ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳରେ ଶିଳ୍ପ କାରଖାନା, ଏହାର ବିଭିନ୍ନ କାର୍ଯ୍ୟ ଓ ପ୍ରକ୍ରିୟା ଉପରେ କଟକଣା ଲଗାଇବା ନିମନ୍ତେ ଅଭିଯୋଗ ଓ ମତାମତ ଆହ୍ୱାନ କରି ଏସ୍.ଓ. ନଂ ୨୨୯୧(ଇ), ତା ୧୫ ସେପ୍ଟେମ୍ବର ୨୦୧୦ ମସିହାରେ ପ୍ରକାଶ କରାଯାଇଥିଲା ।

ଏହି ରାଜପତ୍ରର ସଂଖ୍ୟାମାନ ସର୍ବସାଧାରଣଙ୍କ ପାଇଁ ୨୦୧୦ ମସିହା ସେପ୍ଟେମ୍ବର ମାସ ୧୫ ତାରିଖରେ ଉପଲବ୍ଧ ହୋଇଥିଲା ।

ସର୍ବସାଧାରଣଙ୍କଠାରୁ ମିଳିଥିବା ମତାମତ ଓ ଅଭିଯୋଗକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଚାରକୁ ନିଆଯାଇଛି ।

ତେଣୁ, ବର୍ତ୍ତମାନ ପରିବେଶ (ସୁରକ୍ଷା) ଆଇନ. ୧୯୮୬ର (୧୯୮୬ ର ୨୯) ଧାରା ୩ର ଉପଧାରା (୨) ର ଖଣ୍ଡ (୫) ଓ ଉପଖଣ୍ଡ (୧) ଦ୍ୱାରା ଅର୍ପଣ କରାଯାଇଥିବା କ୍ଷମତା ପ୍ରୟୋଗ କରି କେନ୍ଦ୍ର ସରକାର ଉପକୂଳ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଜୀବନଜୀବିକାର ସୁରକ୍ଷା ନିମନ୍ତେ, ଉପକୂଳ ଅଞ୍ଚଳ, ଏହାର ପରିବେଶ ଓ ଏଥିସଂଲଗ୍ନ ସମୁଦ୍ର ଅଞ୍ଚଳର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ବୃଦ୍ଧି ଜନିତ ବିପଦର ବୈଜ୍ଞାନିକ ପଦ୍ଧତିରେ ମୁକାବିଲା କରିବା ସହିତ ଚିରନ୍ତନ ବିକାଶ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ, ଦେଶର ଉପକୂଳ ଅଞ୍ଚଳ ଓ ସମୁଦ୍ର ମଧ୍ୟରେ ଏହାର ଜଳସୀମା ପର୍ଯ୍ୟନ୍ତ ଅଞ୍ଚଳ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଓ ଲାକ୍ଷାଦ୍ୱୀପ ଏବଂ ଏହି ଦ୍ୱୀପସମୂହ ଚର୍ତୁପାଶ୍ୱରେ ଥିବା ଜଳସୀମା ପର୍ଯ୍ୟନ୍ତ ସାମୁଦ୍ରିକ ଅଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳକୁ, ଉପକୂଳ ନିୟନ୍ତ୍ରଣ ମଣ୍ଡଳ (ସି ଆର୍ ଜେଡ୍ ବା CRZ ) ଘୋଷଣା କରୁଅଛନ୍ତି । ଉପରୋକ୍ତ ସିଆରଜେଡ଼ ଅଞ୍ଚଳରେ କୌଣସି ଶିଳ୍ପ କାରଖାନା ସ୍ଥାପନ ଓ ସଂପ୍ରସାରଣ, ବିଭିନ୍ନ କାର୍ଯ୍ୟ ଓ ପ୍ରକିୟା ଏବଂ ବିପଜ୍ଜନକ ପଦାର୍ଥ (ବ୍ୟବହାର, ପରିଚାଳନା ଓ ସୀମା ବାହାରକୁ ପରିବହନ) ନିୟମ, ୨୦୦୯ ଅନ୍ତର୍ଗତ ନିର୍ଦ୍ଦିଷ୍ଟ କରାଯାଇଥିବା କ୍ଷତିକାରକ ପଦାର୍ଥର ଉତ୍ପାଦନ ବା ବ୍ୟବହାର ବା ସାଇତିବା ବା ଫିଙ୍ଗିବା କାର୍ଯ୍ୟ ଉପରେ କଟକଣା ଲଗାଯାଉଛି ; ଏବଂ

ପରିବେଶ (ସୁରକ୍ଷା) ଆଇନ, ୧୯୮୬ ର ଧାରା ୫ ର ଉପଧାରା (୩) ଏବଂ ଖଣ୍ଡ (ଘ) ଅନୁସାରେ ଅର୍ପଣ କରାଯାଇଥିବା କ୍ଷମତା ପ୍ରୟୋଗ କରି ଏବଂ ୧୯, ଫେବୃୟାରୀ, ୧୯୯୧ ତାରିଖରେ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନା ନଂ ଏସ୍.ଓ.୧୧୪(ଇ) କୁ ଅକାମୀ କରି, ଏହାକୁ ଅକାମୀ କରାଯିବା ପୂର୍ବରୁ କରାଯାଇଥିବା କାର୍ଯ୍ୟ ଓ କରାଯିବାକୁ ଥିବା କାର୍ଯ୍ୟ ବ୍ୟତୀତ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଅଛନ୍ତି କି ନିମ୍ନ ଅଞ୍ଚଳଗୁଡ଼ିକୁ ଅଧିସୂଚନା ଜାରି ହେବାର

ତାରିଖଠାରୁ ସି ଆର୍ ଜେଡ୍ ଅଞ୍ଚଳ ଭାବେ ଧରାଯିବ ଏବଂ ସି ଆର୍ ଜେଡ୍ ଅଞ୍ଚଳରେ ଶିଳ୍ପ ସ୍ଥାପନ ଓ ସଂପ୍ରସାରଣ, ବିଭିନ୍ନ କାର୍ଯ୍ୟ ଏବଂ ପ୍ରକ୍ରିୟା ଓ ସେହି ଧରଣର କାର୍ଯ୍ୟ ଉପରେ ନିମ୍ନମତେ କଟକଣା ଲାଗୁ କରାଯିବ ।

(କ) ଉଚ୍ଚ ଜୁଆର ରେଖା (HTL) ଠାରୁ ଭୂଭାଗ ଆଡ଼କୁ ୫୦୦ ମିଟର ସ୍ଥାନକୁ ଏଥିରେ ସାମିଲ କରାଯାଇଛି ।

(ଖ) ଉଚ୍ଚ ଜୁଆର ରେଖାଠାରୁ ୧୦୦ ମିଟର ଦୂରତା ବା ସଂକୀର୍ଣ୍ଣ ଉପସାଗର, ଯେଉଁଟି କମ୍ ହେବ, ଏବଂ ତା ସହିତ ଜୁଆର ପ୍ରଭାବିତ ଜଳାଶୟ, ଯାହାର ସମୁଦ୍ର ସହିତ ସଂଯୋଗ ହୋଇଥାଏ ଏବଂ ଯେଉଁ ପର୍ଯ୍ୟନ୍ତ ଜୁଆର ପ୍ରଭାବିତ ଜଳାଶୟରେ ବିକାଶ କାର୍ଯ୍ୟକୁ ନିୟନ୍ତ୍ରଣ କରିବାକୁ ପଡିବ୍, ସେହି ପର୍ଯ୍ୟନ୍ତ ସି ଆର୍ ଜେଡ୍ ଅଞ୍ଚଳ ନିୟମ ଲାଗୁ ହେବ । ଏହାର ଦୂରତା ନିର୍ଦ୍ଧାରଣ କରିବା ନିମନ୍ତେ ଜୁଆର ଦ୍ୱାରା ପ୍ରଭାବିତ ଜଳାଶୟକୁ ଏହାର ଅନ୍ତର୍ଭୁକ୍ତ କରାଯିବ ଏବଂ ଏହି ସୀମା ନିର୍ଦ୍ଧାରଣ କରିବା ପାଇଁ ଗ୍ରୀଷ୍ମକାଳରେ ଲବଣର ସାନ୍ଦ୍ରତା ୧୦୦୦ ପ୍ରତି ୫ ଭାଗ (ପିପିଟି) କୁ ଆଧାରଭାବେ ଗ୍ରହଣ କରାଯିବ । ଜୁଆର ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ଅନୁଯାୟୀ ନିର୍ଦ୍ଧାରଣ କରି ସ୍ପଷ୍ଟଭାବେ ଚିହ୍ନଟ କରାଯିବା ଆବଶ୍ୟକ ।

ବ୍ୟାଖ୍ୟା : ଏହି ଉପପରିଚ୍ଛେଦ ପାଇଁ ଜୁଆର ପ୍ରଭାବିତ ଜଳାଶୟର ଅର୍ଥ ହେଉଛି ସମୁଦ୍ରର ଜୁଆର ଦ୍ୱାରା ପ୍ରଭାବିତ ହେଉଥିବା ଉପସାଗର, ନଦୀମୁହାଣ, ନଦୀ, ସଂକୀର୍ଣ୍ଣ ଉପସାଗର, ଆବଦ୍ଧ ଜଳରାଶି, ହ୍ରଦ, ସମୁଦ୍ର ସଂଲଗ୍ନ ପୁଷ୍କରିଣୀ ବା ଆବଦ୍ଧ ଜଳରାଶି ଇତ୍ୟାଦି ।

(ଗ) ସମୁଦ୍ର କ୍ଷେତ୍ରରେ ବିପଦରେଖା ଏବଂ ଉଚ୍ଚ ଜୁଆର ରେଖାଠାରୁ ୫୦୦ ମିଟର ଦୂରତାରେ ଥିବା ସ୍ଥାନ ଏବଂ ଜୁଆର ପ୍ରଭାବିତ ଜଳାଶୟ କ୍ଷେତ୍ରରେ ବିପଦରେଖା ଏବଂ ଉଚ୍ଚ ଜୁଆର ରେଖାଠାରୁ ୧୦୦ ମିଟର ଦୂରତାରେ ଥିବା ସ୍ଥାନ । ଲହଡ଼ି, ତରଙ୍ଗ, ସମୁଦ୍ର ଜଳସ୍ତର ବୃଦ୍ଧି ଏବଂ ଉପକୂଳ ରେଖା ପରିବର୍ତ୍ତନକୁ ବିଚାରକୁ ନେଇ ସର୍ଭେ ଅଫ୍ ଇଣ୍ଡିଆ ସହାୟତାରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନିତ ରେଖାକୁ ବିପଦରେଖା କୁହାଯାଇଥାଏ ।

(ଘ) ଉଚ୍ଚ ଜୁଆରରେଖା ଏବଂ ନିମ୍ନ ଜୁଆର ରେଖା ମଧ୍ୟରେ ରହିଥିବା ସ୍ଥାନ, ଯାହାକୁ ଆନ୍ତଃ ଜୁଆର ମଣ୍ଡଳ କୁହାଯାଇଥାଏ ।

(ଙ) ସମୁଦ୍ର କ୍ଷେତ୍ରରେ ନିମ୍ନ ଜୁଆର ରେଖାଠାରୁ ସୀମାନ୍ତ ଜଳରେଖା (ବାର ନଟିକାଲ ମାଇଲ) ପର୍ଯ୍ୟନ୍ତ ଜଳ ଏବଂ ଶଯ୍ୟା ଅଞ୍ଚଳ ଏବଂ ଜୁଆର ପ୍ରଭାବିତ ଜଳାଶୟ କ୍ଷେତ୍ରରେ ଗୋଟିଏ କୂଳର ନିମ୍ନ ଜୁଆର ରେଖାଠାରୁ ବିପରୀତ କୂଳର ନିମ୍ନ ଜୁଆର ରେଖା ପର୍ଯ୍ୟନ୍ତ ଜଳ ଏବଂ ଶଯ୍ୟା ଅଞ୍ଚଳ ।

୨. ଏହି ଅଧିସୂଚନା ନିମନ୍ତେ ଉଚ୍ଚ ଜୁଆର ରେଖା ଅର୍ଥ ହେଉଛି, ବସନ୍ତ କାଳରେ ଯେଉଁ ସ୍ଥାନ ପର୍ଯ୍ୟନ୍ତ ସର୍ବାଧିକ ଉଚ୍ଚତା ଯାଏ ଜଳ ପହଞ୍ଚିଥାଏ ଏବଂ ସମଗ୍ର ଦେଶ ପାଇଁ ଏହାକୁ ସମାନ ଭାବେ ଚିହ୍ନଟ କରାଯାଇଥାଏ । ପରିଶିଷ୍ଟ ୧ ରେ ଦର୍ଶାଯାଇଥିବା ସାଧାରଣ ନିର୍ଦ୍ଦେଶାବଳୀ ଅନୁସାରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା କ୍ଷମତା ପ୍ରାପ୍ତ ଚିହ୍ନଟିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା କରାଯିବ । ଏହି ଅଧିସୂଚନା ଜାରି ହେବାର ଏକ ବର୍ଷ ମଧ୍ୟରେ ଉଚ୍ଚ ଜୁଆର ରେଖାକୁ ଚିହ୍ନଟ କରାଯିବ ।

୩. ସି ଆର୍ ଜେଡ୍ ଅଞ୍ଚଳରେ ନିଷିଦ୍ଧ କାର୍ଯ୍ୟାବଳୀ - ସି ଆର୍ ଜେଡ୍ ଅଞ୍ଚଳରେ ନିମ୍ନଲିଖିତ କାର୍ଯ୍ୟମାନଙ୍କୁ ନିଷେଧ କରାଯାଇଛି ।

(୧) ନିମ୍ନ କାର୍ଯ୍ୟ ବ୍ୟତିରେକ ନୂତନ ଶିଳ୍ପ ସ୍ଥାପନ ଏବଂ ରହିଥିବା ଶିଳ୍ପର ସଂପ୍ରସାରଣ ।

(କ) ଯେଉଁ ଶିଳ୍ପ ପ୍ରତ୍ୟକ୍ଷ ଭାବେ ଜଳ ସହ ସମ୍ପର୍କିତ ବା ଉପକୂଳର ସୁବିଧା ସହ ସଂପୃକ୍ତ ।

*ବ୍ୟାଖ୍ୟା :* ଉପକୂଳ ସୁବିଧା ଅର୍ଥ ଏହି ଅଧିସୂଚନାରେ ଅନୁମତି ପ୍ରଦାନ କରାଯାଇଥିବା କାର୍ଯ୍ୟକ୍ରମ ଏବଂ ସେମାନଙ୍କର ବହୁବିଧ କାର୍ଯ୍ୟ ଯଥା ବନ୍ଦର, ଜେଟି, କ୍ୱେ, ହ୍ୱାର୍ଫ, ଅବକ୍ଷୟ ନିୟନ୍ତ୍ରଣ ବ୍ୟବସ୍ଥା, ତରଙ୍ଗରୋଧୀ ପ୍ରାଚୀର, ପାଇପଲାଇନ, ବତୀଘର, ଦିଗ ସୂଚକ ନିରାପଦ ସୁବିଧା, ଉପକୂଳ ଥାନା ଆଦି ପାଇଁ ଆବଶ୍ୟକ ହେଉଥିବା ସମୁଦ୍ରତଟର ସୁବିଧା ।

(ଖ) ପରମାଣୁ ଶକ୍ତି ବିଭାଗର ପ୍ରକଳ୍ପ

(ଗ) ସିଆର୍‌ଜେଡ୍-୧ ଅଞ୍ଚଳର ଅନ୍ତର୍ଭୁକ୍ତ ହୋଇ ନଥିବା ସ୍ଥାନରେ ଅଣପାରମ୍ପରିକ ଉତ୍ସରୁ ଶକ୍ତି ଉତ୍ପାଦନ ସୁବିଧା ଏବଂ ଜଳ ଲବଣମୁକ୍ତ କରିବା ପାଇଁ କାରଖାନା ସ୍ଥାପନ । ଏହାକୁ ପ୍ରଭାବ ଆକଳନ ଗବେଷଣା ତଥା ସାମାଜିକ ପ୍ରଭାବ ଆକଳନ ଦ୍ୱାରା ନିର୍ଣ୍ଣୟ କରାଯିବ ।

(ଘ) କେବଳ ନବୀ ମୁମ୍ବାଇଠାରେ ପୂର୍ବରୁ ଅନୁମତିପ୍ରାପ୍ତ ଗ୍ରୀନ୍ ଫିଲ୍ଡ଼ ବିମାନ ବନ୍ଦର ବିକାଶ ।

(ଙ) ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳର ପ୍ଲାନିଂ ନିୟମ ଆଧାରରେ ସ୍ଥାନୀୟ ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀମାନଙ୍କର ବାସଗୃହ ମରାମତି ଓ ପୁନଃନିର୍ମାଣ ।

(୨) ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଏସ୍. ଓ. ୫୯୪ (ଇ), ତା୨୮/୭/୧୯୮୯; ଏସ୍. ଓ. ନମ୍ବର ୯୬୬ (ଇ), ତା ୨୭/୧୧/୧୯୮୯ ଏବଂ ଜି. ଏସ୍. ଆର୍. ୧୦୩୭ (ଇ) ତା୫/୧୨/୧୯୮୯ ରେ ଦର୍ଶାଯାଇଥିବା ବିପଦଜ୍ଜନକ ପଦାର୍ଥର ନିଷ୍କାସନ ବା ଉତ୍ପାଦନ ବା ତୈଳ ସଂରକ୍ଷଣ । ନିମ୍ନ କାର୍ଯ୍ୟ ବ୍ୟତିରେକ ।

(କ) ବିପଜ୍ଜନକ ପଦାର୍ଥକୁ ଜାହାଜରୁ ବନ୍ଦର, ଟର୍ମିନାଲ ଏବଂ ରିଫାଇନାରୀକୁ ଏବଂ ସେସବୁ ସ୍ଥାନରୁ ଜାହାଜକୁ ସ୍ଥାନାନ୍ତରୀକରଣ ।

(ଖ) ଏହି ଅଧିସୂଚନାରେ ସଂଯୁକ୍ତ ପରିଶିଷ୍ଟ ୨ରେ ଦର୍ଶାଯାଇଥିବା ପରି ପେଟ୍ରୋଲଜାତ ପଦାର୍ଥ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ଗ୍ରହଣ ଓ ସଂରକ୍ଷଣ ସୁବିଧା । ସିଆର୍‌ଜେଡ୍-୧ (କ)ର ଅନ୍ତର୍ଗତ ହୋଇ ନଥିବା ଅଞ୍ଚଳରେ ତରଳୀକୃତ ପ୍ରାକୃତିକ ଗ୍ୟାସର ପୁନଃଗ୍ୟାସୀକରଣ ସମ୍ବନ୍ଧୀୟ ସୁବିଧା ପ୍ରଦାନ । ଏହା ପୂର୍ବରୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅନ୍ତର୍ଗତ ତୈଳ ଉଦ୍ୟୋଗ ସୁରକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ସୁରକ୍ଷା ସମ୍ବନ୍ଧୀୟ ନିୟମ ପାଳନ କରାଯାଇଛି କି ନାହିଁ ତାହା ଦେଖିବା ନିହାତି ଆବଶ୍ୟକ । ଏଥିସହିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଧାରିତ ପରିବେଶ ସୁଧାର ଓ ପୁନଃସ୍ଥାପନ ପାଇଁ ଆବଶ୍ୟକ ସର୍ତ୍ତାବଳୀ ପାଳନ କରାଯାଇଛି କି ନାହିଁ ଦେଖିବାକୁ ହେବ ।

ରାସାୟନିକ ସାର ଗ୍ରହଣ ଓ ସାଇତିବା ପାଇଁ ସୁବିଧା ଏବଂ ରାସାୟନିକ ସାର ଉତ୍ପାଦନ ନିମନ୍ତେ ଆବଶ୍ୟକ ହେଉଥିବା କଞ୍ଚାମାଲ୍ ଯଥା ଆମୋନିଆ, ଫସ୍‌ଫରିକ୍ ଅମ୍ଳ, ଗନ୍ଧକ, ଗନ୍ଧକାମ୍ଳ, ନାଇଟ୍ରିକ୍ ଅମ୍ଳ ଆଦିର ଗ୍ରହଣ, ସାଇତିବା ସୁବିଧା ପାଇଁ ସି ଆର୍ ଜେଡ୍-୧ (କ) ଅଧୀନରେ ଆସୁ ନଥିବା ଅଞ୍ଚଳରେ ଅନୁମତି ପ୍ରଦାନ କରାଯାଇପାରିବ ।

(୩) ଅନୁମତିପ୍ରାପ୍ତ ସ୍ଥାନରେ ମାଛ ଯାଆଁଳ ଉତ୍ପାଦନ ଓ ପ୍ରାକୃତିକ ଭାବେ ମତ୍ସ୍ୟ ଶୁଖାଇବା ବ୍ୟତୀତ ମତ୍ସ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ଗୋଦାମଗୃହ ସ୍ଥାପନ ଓ ଏହାର ସଂପ୍ରସାରଣ କାର୍ଯ୍ୟ ।

(୪) ଭୂମି ଆବାଦ, ବନ୍ଧ ପକାଇବା ବା ସମୁଦ୍ର ଜଳର ଗତିରେ ବ୍ୟାଘାତ ସୃଷ୍ଟି କରିବା । ନିମ୍ନ କାର୍ଯ୍ୟ ବ୍ୟତିରେକ ।

(କ) ତଟବର୍ତ୍ତୀ ଅଞ୍ଚଳରେ ଆବଶ୍ୟକ ହେଉଥିବା ସୁବିଧା ଯଥା ବନ୍ଦର, ପୋତାଶ୍ରୟ, ଜେଟି, ହ୍ୱାର୍ଭ, କ୍ୱେସ, ଚିକ୍କଣ ରାସ୍ତା, ସେତୁ, ସମୁଦ୍ର ସଂଯୋଗ, ଖମ୍ବ ଉପରିସ୍ଥ ରାସ୍ତା, ପ୍ରତିରକ୍ଷା ତଥା ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ହେଉଥିବା ଏହିପରି କାର୍ଯ୍ୟ ପାଇଁ ସ୍ଥାପନ, ନିର୍ମାଣ ବା ଆଧୁନିକୀକରଣ ବା ସଂପ୍ରସାରଣ କାର୍ଯ୍ୟ । ଏହି ଅଧିସୂଚନାରେ ଅନୁମତି ପ୍ରଦାନ କରାଯାଇଥିବା କାର୍ଯ୍ୟପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ସୁବିଧା ।

(ଖ) ବୈଜ୍ଞାନିକ ଅନୁଧ୍ୟାନ ଓ ପରିବେଶ ପ୍ରଭାବ ଆକଳନ (EIA) ଗବେଷଣା ଭିତ୍ତିରେ ଅବକ୍ଷୟ ରୋକିବା ପାଇଁ ଆବଶ୍ୟକ କାର୍ଯ୍ୟ ।

(ଗ) ପରିବେଶ ପ୍ରଭାବ ଆକଳନ ଗବେଷଣା ଭିତ୍ତିରେ ଜଳପଥ, ଚାନେଲ ଓ ବନ୍ଦରର ରକ୍ଷଣାବେକ୍ଷଣ ଓ ସଫା କରିବା ।

(ଘ) ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ସ୍ଥିରୀକୃତ କୌଣସି ସଂସ୍ଥା ଦ୍ୱାରା ବାଲୁକା ଅବରୋଧ ନ ହେବା ପାଇଁ କାର୍ଯ୍ୟ, ଜୁଆର ନିୟନ୍ତ୍ରଣ ସ୍ଥାପନ, ଦ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା ବା ଲୁଣି ଜଳ ମାଡି ଆସିବାକୁ ରୋକିବା ପାଇଁ ନିର୍ମାଣ କାର୍ଯ୍ୟ ଏବଂ ସ୍ୱଚ୍ଛ ଜଳ ପ୍ରବେଶ ପାଇଁ କରାଯାଉଥିବା କାର୍ଯ୍ୟ ।

(୫) ନିମ୍ନଲିଖିତ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସୁବିଧା ବ୍ୟତିତ ଆବର୍ଜନା ଓ ବର୍ଜ୍ୟବସ୍ତୁ ନିଷ୍କାସନ ନିମନ୍ତେ କରାଯାଉଥିବା ନିର୍ମାଣ, ସଂପ୍ରସାରଣ ଓ ଅନ୍ୟ କାର୍ଯ୍ୟ ।

(କ) ଜଳ (ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ) ଆଇନ, ୧୯୭୪ (୧୯୭୪ ର ୬) ଅଧିନରେ ଅନୁମତିପ୍ରାପ୍ତ କରି ପ୍ରକ୍ରିୟାକରଣ ହୋଇଥିବା ଆବର୍ଜନାକୁ ଜଳ ଭାଗକୁ ଛାଡ଼ିବା ।

(ଖ) ଦ୍ୱରିତ ଜଳ ନିଷ୍କାସନ ଏବଂ ପମ୍ପ ସାହାଯ୍ୟରେ ଜଳ ନିଷ୍କାସନ ପାଇଁ ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ ।

(ଗ) ସିଆର୍‌ଜେଡ୍-୧ ଅଧିନରେ ନଥିବା ସିଆର୍‌ଜେଡ୍ ଅଞ୍ଚଳରେ ହୋଟେଲ, ବେଳାଭୂମି ଆଶ୍ରୟସ୍ଥଳ ଓ ଜନବସତିରୁ ବାହାରୁଥିବା ଆବର୍ଜନା ଓ ବର୍ଜ୍ୟବସ୍ତୁର ପରିଶୋଧନ ଏବଂ ପରିଶୋଧିତ ବର୍ଜ୍ୟବସ୍ତୁ ଓ ଆବର୍ଜନାର ନିଷ୍କାସନ ।

(୬) ଶିଳ୍ପ, ସହର ବା ବଜାର ଏବଂ ଅନ୍ୟାନ୍ୟ ଜନବସତିରୁ ପରିଶୋଧନ ହୋଇ ନଥିବା ଆବର୍ଜନା ଓ ବର୍ଜ୍ୟବସ୍ତୁ ନିଷ୍କାସନ । ଏହିପରି ଯଦି କିଛି ହେଉଥାଏ, ତେବେ ସଂପୃକ୍ତ କର୍ତ୍ତୃପକ୍ଷ ଏହି ଧରଣର ନିଷ୍କାସନକୁ ବନ୍ଦ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି ଏହି ଅଧିସୂଚନା ଜାରି ହେବାର ଦୁଇ ବର୍ଷ ମଧ୍ୟରେ ବନ୍ଦ କରିବେ ।

(୭) ସହର ତଥା ବଜାରର ବର୍ଜ୍ୟବସ୍ତୁ ଜମା କରିବା, ଏହାର ସ୍ତୁପ ନିର୍ମାଣ, ଶିଳ୍ପାଞ୍ଚଳର କଠିନ ବର୍ଜ୍ୟବସ୍ତୁ ଏବଂ ଉଡନ୍ତା ପାଉଁଶ ଦ୍ୱାରା ଖାଲି ସ୍ଥାନ ପୂରଣ କରିବା ଆଦି କାର୍ଯ୍ୟକୁ ସଂପୃକ୍ତ କର୍ତ୍ତୃପକ୍ଷ ବନ୍ଦ କରିବା ପାଇଁ ପଦକ୍ଷେପ ନେବେ । ଏହିପରି କିଛି କାର୍ଯ୍ୟ କରାଯାଉଥିଲେ ଅଧିସୂଚନା ଜାରି ହେବାର ଏକ ବର୍ଷ ମଧ୍ୟରେ ତାହାକୁ ବନ୍ଦ କରାଯିବ ।

ଦ୍ରଷ୍ଟବ୍ୟ : ପରିଚ୍ଛେଦ (ଙ), (ଚ) ଏବଂ (ଛ) ଅନୁସାରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନଙ୍କୁ କାର୍ଯ୍ୟଖସଡ଼ା ପ୍ରସ୍ତୁତି, ତାହାର କାର୍ଯ୍ୟାନ୍ୱୟନ ଏବଂ ସମୟଭିତ୍ତିକ ତଦାରଖ ନିମନ୍ତେ ସ୍ୱତନ୍ତ୍ର ଭାବେ ଜଣାଇ ଦିଆଯିବ ।

(୮) ବୈଜ୍ଞାନିକ ଗବେଷଣା ଆଧାରରେ ଏବଂ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସହ ବିଚାରବିମର୍ଷ ପରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ପ୍ରଭାବ ଆକଳନ, ୨୦୦୬ ଅନୁସାରେ ଚିହ୍ନିତ ଅଞ୍ଚଳ ଏବଂ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ବ୍ୟତିରେକ ଉଚ୍ଚ ଅବକ୍ଷୟପ୍ରାପ୍ତ ଉପକୂଳରେ କରାଯାଉଥିବା ବନ୍ଦର ଓ ପୋତାଶ୍ରୟ ପ୍ରକଳ୍ପ ।

(୯) ବ୍ୟବସାୟିକ ଉଦ୍ଦେଶ୍ୟ ଯଥା – ଦୋକାନ, ଗୃହନିର୍ମାଣ, ହୋଟେଲ ଏବଂ ଅବସର ବିନୋଦନ କାର୍ଯ୍ୟକ୍ରମ ପାଇଁ ଆବାଦୀକରଣ ।

(୧୦) ନିମ୍ନ କାର୍ଯ୍ୟ ବ୍ୟତିତ ବାଲି, ପଥର ଏବଂ ଅନ୍ୟ ଭୂତଳ ପଦାର୍ଥ ଖୋଦନ ।

(କ) ସି ଆର୍ ଜେଡ୍ ଅଞ୍ଚଳ ବାହାରେ ଉପଲବ୍ଧ ନଥିବା ବିରଳ ଖଣିଜ ପଦାର୍ଥ ।

(ଖ) ତୈଳ ଏବଂ ପ୍ରାକୃତିକ ଗ୍ୟାସ୍‌ର ସନ୍ଧାନ ଏବଂ ଉତ୍ତୋଳନ ।

(୧୧) ନିମ୍ନଲିଖିତ କ୍ଷେତ୍ର ବ୍ୟତୀତ ଉଚ୍ଚ ଜୁଆର ରେଖାର ୨୦୦ ମିଟର ମଧରେ ଭୂତଳ ଜଳ ଉତ୍ତୋଳନ ଏବଂ ତତ୍‌ସଂକ୍ରାନ୍ତୀୟ ନିର୍ମାଣ କାର୍ଯ୍ୟ

(କ) ସ୍ଥାନୀୟ ଗୋଷ୍ଠୀମାନଙ୍କ ଦ୍ୱାରା ବସବାସ କରାଯାଉଥିବା ଅଞ୍ଚଳ ଏବଂ କେବଳ ସେମାନଙ୍କ ବ୍ୟବହାର ନିମନ୍ତେ।

(ଖ) ସାଧାରଣ କୂପରୁ ହସ୍ତଚାଳିତ ଭାବେ ଜଳ ଉତ୍ତୋଳନ କରି ପିଇବା ପାଣି, କୃଷି, ଉଦ୍ୟାନ କୃଷି ଏବଂ ମତ୍ସ୍ୟ ଚାଷ ପାଇଁ ବ୍ୟବହାର କରାଯାଉଥିଲେ ଏବଂ ସେଠାରେ ଜଳର ଅନ୍ୟ ଉତ୍ସ ଉପଲବ୍ଧ ନଥିଲେ ୨୦୦ ମିଟରରୁ ୫୦୦ ମିଟର ମଧରେ ଥିବା ଅଞ୍ଚଳରୁ ଭୂତଳ ଜଳ ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ କରାଯିବ।

ଦ୍ରଷ୍ଟବ୍ୟ : ଲୁଣିଜଳ ପ୍ରବେଶ ଯୋଗୁଁ ପ୍ରଭାବିତ ଅଞ୍ଚଳରେ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ କର୍ତ୍ତୃପକ୍ଷଙ୍କ ତରଫରୁ ଏହି ଜଳ ଉତ୍ତୋଳନ ଉପରେ କଟକଣା ଲାଗୁ କରାଯାଇପାରିବ ।

(୧୨) ଏହି ଅଧିସୂଚନାର ପରିଚ୍ଛଦ-୮ ରେ ଦର୍ଶାଯାଇଥିବା କାର୍ଯ୍ୟ ବ୍ୟତୀତ ସି ଆର୍ ଜେଡ୍-୧ ଅଞ୍ଚଳରେ କରାଯାଉଥିବା ନିର୍ମାଣ କାର୍ଯ୍ୟ ।

(୧୩) ସୌନ୍ଦର୍ଯ୍ୟକରଣ, ଅବସର ବିନୋଦନ ତଥା ଏହିପରି ଉଦ୍ଦେଶ୍ୟରେ ବାଲୁକା ସ୍ତୁପ ଓ ପାହାଡ଼ରେ କରାଯାଉଥିବା ଆକାର ପରିବର୍ତ୍ତନ, ପ୍ରାକୃତିକ ଅବସ୍ଥା ଯଥା – ଭୂଭାଗ ଦୃଶ୍ୟ ପରିବର୍ତ୍ତନ ।

(୧୪) ସାମୁଦ୍ରିକ ବା ଉପକୂଳ ଥାନାର ପେଟ୍ରୋଲିଂ ଏବଂ ଗୁଇନ୍ଦା କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସୁବିଧା।

୪. ସି ଆର୍ ଜେଡ୍ ଅଞ୍ଚଳରେ କାର୍ଯ୍ୟକ୍ରମର ମଞ୍ଜୁରୀ ପ୍ରଦାନ ପାଇଁ ନିୟମାବଳୀ । ଉପର ବର୍ଣ୍ଣିତ ପରିଚ୍ଛେଦ-୩ରେ ନିଷେଧ କରାଯାଇଥିବା ବ୍ୟତୀତ ନିମ୍ନଲିଖିତ କାର୍ଯାବଳୀକୁ ନିୟନ୍ତ୍ରିତ କରାଯିବ ।

(କ) (୧) ସି ଆର୍ ଜେଡ୍ ଅଞ୍ଚଳରେ କେବଳ ତଟରେଖା ଏବଂ ବେଳାଭୂମି ଅଞ୍ଚଳରେ ସୁବିଧା ସୁଯୋଗ ଆବଶ୍ୟକ କରୁଥିବା କୌଣସି କାର୍ଯ୍ୟକୁ ମଞ୍ଜୁରୀ ପ୍ରଦାନ କରାଯିବ ।

(୨) ଏହି ଅଧିସୂଚନାରେ ତାଲିକାଭୁକ୍ତ କୌଣସି ପ୍ରକଳ୍ପ ଏବଂ ପରିବେଶ ପ୍ରଭାବ ଆକଳନ, ୨୦୦୬ (ଏସ୍ ଓ ୧୫୩୩ (ଇ) ତା୧୪/୯/୨୦୦୬) ଅନ୍ତର୍ଗତ ପ୍ରକଳ୍ପ । ସମ୍ପୃକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ (CZMA) ର ସୁପାରିଶ୍ ପ୍ରାପ୍ତ ଏବଂ ପରିବେଶ ପ୍ରଭାବ ଆକଳନ ଅଧିସୂଚନା ଅଧିନରେ ମଞ୍ଜୁରୀ ପ୍ରାପ୍ତ ପ୍ରକଳ୍ପମାନ ।

(୩) ଏହି ଅଧିସୂଚନାର ପରିଚ୍ଛେଦ ୮ ରେ ଦର୍ଶାଯାଇଥିବା ସି ଆର୍ ଜେଡ୍ ଅଞ୍ଚଳରେ ଗୃହ ନିର୍ମାଣ ଯୋଜନା ।

(୪) ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅନୁସାରେ ସି ଆର୍ ଜେଡ୍-୨ ଅଞ୍ଚଳରେ ୨୦,୦୦୦ ବର୍ଗମିଟରରୁ ଅଧିକ ଆୟତନ ସ୍ଥାନରେ କରାଯାଉଥିବା ନିର୍ମାଣ କାର୍ଯ୍ୟ । କୋଡ଼ିଏ ହଜାର ବର୍ଗମିଟରରୁ କମ୍ ଆୟତନର ନିର୍ମାଣକାର୍ଯ୍ୟ ପାଇଁ ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ସୁପାରିଶ ନେଇ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ପ୍ଲାନିଂ କର୍ତ୍ତୃପକ୍ଷମାନେ ଏହି ଅଧିସୂଚନା ଅନୁସାରେ ମଞ୍ଜୁରୀ ପ୍ରଦାନ କରିପାରିବେ । ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅନୁସାରେ ଅନୁମତି ପ୍ରଦାନ ପାଇଁ ଅଥବା ଉପଯୁକ୍ତ ପ୍ଲାନିଂ କର୍ତ୍ତୃପକ୍ଷଙ୍କଠାରୁ ମଞ୍ଜୁରୀ ପାଇବା ନିମନ୍ତେ ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ସୁପାରିଶ ଜରୁରୀ ଅଟେ ।

(୫) ସ୍ୱତନ୍ତ୍ର ବା ସାଧାରଣ ଆଦେଶ ବଳରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସେସବୁ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ କରିବା ଦରକାର; ଯେଉଁଥିରେ ଜନସାଧାରଣ ପ୍ରଭାବିତ ହେବାର ଆଶଙ୍କା ଥିବା ଯୋଗୁଁ ସର୍ବସାଧାରଣ ଶୁଣାଣିର ଆବଶ୍ୟକତା ରହିଛି ।

(୬) ବନ୍ଦର ଓ ପୋତାଶ୍ରୟ, ଜେଟି, ଓ୍ୱାର୍ଭ, କ୍ୱେସ, ଚିକ୍କଣ ପଥ, ଜାହାଜ ନିର୍ମାଣ ୟାର୍ଡ଼, ଜଳ ଅବରୋଧକ, ଗ୍ରୋଇନ୍‌ସ, ଅବକ୍ଷୟ ନିୟନ୍ତ୍ରଣ କାର୍ଯ୍ୟ ଆଦି ନିର୍ମାଣ ଓ କ୍ରିୟାଶୀଳ କରିବା ।

(ଖ) ନିମ୍ନଲିଖିତ କାର୍ଯ୍ୟମାନଙ୍କ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ ଅନୁମତି ନେବାକୁ ପଡ଼ିବ ।

(୧) ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ରେ ତାଲିକାଭୁକ୍ତ ହୋଇ ନଥିବା କାର୍ଯ୍ୟ ।

(୨) ଆଣବିକ ଶକ୍ତି ବିଭାଗ ଏବଂ ପ୍ରତିରକ୍ଷା ଆବଶ୍ୟକତା ପୂରଣ କରିବା ପାଇଁ ହେଉଥିବା ପ୍ରକଳ୍ପର କାର୍ଯ୍ୟ; ଯେଉଁଥି ପାଇଁ ବେଳାଭୂମିର ସୁବିଧା ଯଥା ଚିକ୍‌କଣ ପଥ, ଜେଟି, ହ୍ୱାର୍ଭ, କ୍ୱେସ ଆଦି ଆବଶ୍ୟକ ହେଉଥିବ । ପ୍ରତିରକ୍ଷା ପ୍ରକଳ୍ପର କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକାରୀ ଉପାଦାନକୁ ଏଥିରୁ ବାଦ ଦିଆଯାଇଛି ।

ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅନୁଯାୟୀ ପ୍ରତିରକ୍ଷା ଏବଂ ଯୁଦ୍ଧ ସମ୍ବନ୍ଧୀୟ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ବାସଗୃହ, କାର୍ଯ୍ୟାଳୟ, ଡାକ୍ତରଖାନା, କର୍ମଶାଳା ଇତ୍ୟାଦି ।

(୩) ବତୀଘରର ନିର୍ମାଣ ଓ ଏହାର କାର୍ଯ୍ୟ ।

(୪) ପାଇପ ଲାଇନ ବିଛାଇବା, ପରିବହନ ବ୍ୟବସ୍ଥା ଏବଂ ସରବରାହ ଲାଇନ ।

(୫) ତୈଳ ଓ ପ୍ରାକୃତିକ ଗ୍ୟାସର ସନ୍ଧାନ ଓ ଉତ୍ତୋଳନ ଏବଂ ଏହାର ଆନୁସଙ୍ଗିକ କାର୍ଯ୍ୟ ଓ ସୁବିଧାସୁଯୋଗ ସୃଷ୍ଟି ।

(୬) ତାପଜ ବିଦ୍ୟୁତ କେନ୍ଦ୍ର ପାଇଁ କଞ୍ଚାମାଲ ପରିବହନ, ଶୀତଳୀକରଣ କରିବା ପାଇଁ ଜଳ ଯୋଗାଣ ସୁବିଧା, ବିଶୋଧନ କରାଯାଇଥିବା ମଇଳା ପାଣି ବା ଶୀତଳୀକରଣ ଜଳ ନିଷ୍କାସନ ବ୍ୟବସ୍ଥା ନିମନ୍ତେ ଆବଶ୍ୟକ ହେଉଥିବା ବେଳାଭୂମିର ସୁବିଧା ବ୍ୟବହାର । ପରିଚ୍ଛେଦ ୪ ର (୬), (୭) ଓ (୮) ରେ ପ୍ରକଳ୍ପମାନଙ୍କ ବିଷୟରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିର୍ଦ୍ଦିଷ୍ଟ କରିବା ଉଚିତ୍ ।

(୭) ଆଣବିକ ଶକ୍ତି ବିଭାଗ ଦ୍ୱାରା ତାଲିକାଭୁକ୍ତ ବିରଳ ଖଣିଜ ପଦାର୍ଥ ଉତ୍ତୋଳନ ।

(୮) ଅଣପାରମ୍ପରିକ ଶକ୍ତି ଉତ୍ସରୁ ଶକ୍ତି ଉତ୍ପାଦନ, ଜଳକୁ ଲବଣମୁକ୍ତ କରିବା କାରଖାନା ଓ ପାଣିପାଗ ରାଡ଼ାର ପାଇଁ ସୁବିଧାସୁଯୋଗ ।

(୯) ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରାସାଦ ଭାଙ୍ଗିବା ଓ ପୁନଃନିର୍ମାଣ କରିବା । ଐତିହ୍ୟପୂର୍ଣ୍ଣ ପ୍ରାସାଦ ଏବଂ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ପ୍ରାସାଦ ଯଥା ପ୍ରାର୍ଥନା ସ୍ଥଳ, ଶିକ୍ଷାୟତନ, ଡାକ୍ତରୀ ସୁବିଧା ଏବଂ ସାଂସ୍କୃତିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହ ଭାଙ୍ଗିବା ଓ ପୁନଃ ନିର୍ମାଣ କରିବା ।

୪.୨ ଅନୁମତିଯୋଗ୍ୟ କାର୍ଯ୍ୟର ମଞ୍ଜୁରୀକରଣ ପାଇଁ ପ୍ରକ୍ରିୟା । ଏହି ଅଧିସୂଚନା ଅନ୍ତର୍ଗତ ସମସ୍ତ ପ୍ରକଳ୍ପ ପାଇଁ ସି ଆର୍ ଜେଡ୍ ମଞ୍ଜୁରୀ ନିମନ୍ତେ ନିମ୍ନ ପ୍ରକ୍ରିୟା ଅବଲମ୍ବନ କରିବାକୁ ପଡ଼ିବ ।

(କ) ପ୍ରକଳ୍ପର ପ୍ରସ୍ତାବକ ନିମ୍ନ ଦଲିଲମାନଙ୍କ ସହିତ ସି ଆର୍ ଜେଡ୍ ଅଧିସୂଚନା ଅନୁସାରେ ମଞ୍ଜୁର ପାଇବା ନିମନ୍ତେ ସଂପୃକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳରେ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆବେଦନ କରିବେ ।

(୧) ଫର୍ମ-୧ (ଅଧିସୂଚନାର ପରିଶିଷ୍ଟ-୪)

(୨) ସାମୁଦ୍ରିକ ଓ ସ୍ଥଳଭାଗ ବିଷୟ ଉଲ୍ଲେଖ ଥାଇ ତ୍ୱରିତ ପରିବେଶ ପ୍ରଭାବ ଆକଳନ ରିପୋର୍ଟ । ପରିଚ୍ଛେଦ ୪ (୩) ଓ (୪) ରେ ତାଲିକାଭୁକ୍ତ ପ୍ରକଳ୍ପର ନିର୍ମାଣକୁ ଏଥିରୁ ବାଦ ଦିଆଯାଇଛି ।

(୩) ବୈଜ୍ଞାନିକ ଅନୁଧ୍ୟାନ ଆଧାରରେ ଓ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକଙ୍କ ସହିତ ବିଚାରବିମର୍ଷ କରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ନିମ୍ନ ଓ ମଧ୍ୟମ ଅବକ୍ଷୟ ଘୋଷଣା କରାଯାଇଥିବା ଅଞ୍ଚଳରେ ପୁନଃ ପୁନଃ ଅନୁଧ୍ୟାନ ମାଧ୍ୟମରେ ବିସ୍ତୃତ ପରିବେଶ ପ୍ରଭାବ ଆକଳନ ରିପୋର୍ଟ ।

(୪) ବିପର୍ଯ୍ୟୟ ପରିଚାଳନା ରିପୋର୍ଟ, ଆଶଙ୍କା ଆକଳନ ରିପୋର୍ଟ ଏବଂ ପରିଚାଳନା ଯୋଜନା ।

(୫) କୌଣସି ସ୍ୱୀକୃତିପ୍ରାପ୍ତ ସଂସ୍ଥା (ପରିଚ୍ଛେଦ ୨ରେ ଦର୍ଶାଯାଇଥିବା) ଦ୍ୱାରା ପ୍ରସ୍ତୁତ ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ଚିହ୍ନିତ ସି ଆର୍ ଜେଡ୍ ମାନଚିତ୍ର ୧ : ୪୦୦୦ ସ୍କେଲ୍‌ରେ ।

(୬) ଉପରେ (୫ ରେ) ଦର୍ଶାଯାଇଥିବା ମାନଚିତ୍ର ଉପରେ ରଖାଯାଇଥିବା ପ୍ରକଳ୍ପର ନକ୍ସା ।

(୭) ପ୍ରକଳ୍ପ ଅଞ୍ଚଳର ସାଧାରଣ ଭାବେ ୭ କିଲୋମିଟର ବ୍ୟାସାର୍ଦ୍ଧ ମଧରେ ରହିଥିବା ସି ଆର୍ ଜେଡ୍ ଅଞ୍ଚଳ ।

(୮) ସି ଆର୍ ଜେଡ୍ ୧, ୨, ୩ ଓ ୪ ଅଞ୍ଚଳ ଦର୍ଶାଉଥିବା ସି ଆର୍ ଜେଡ୍ ମାନଚିତ୍ର । ଏଥିରେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅନ୍ୟାନ୍ୟ ଅଧିସୂଚିତ ଅଞ୍ଚଳ ଦର୍ଶାଯାଇଥିବ ।

(୯) ଆବର୍ଜନା, କଠିନ ବର୍ଜ୍ୟବସ୍ତୁ ଓ ନର୍ଦ୍ଦମା ପାଣି ନିଷ୍କାସନ ସମ୍ବନ୍ଧୀୟ ପ୍ରକଳ୍ପ ପାଇଁ ସଂପୃକ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଦୂଷଣ ନିୟନ୍ତ୍ରଣ କମିଟିଠାରୁ ଅଣାଯାଇଥିବା ଆପତ୍ତିବିହୀନ ପତ୍ର ।

(ଖ) ସପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଉପରୋକ୍ତ ଦଲିଲମାନଙ୍କୁ ସ୍ୱୀକୃତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁସାରେ ପରୀକ୍ଷାନିରୀକ୍ଷା କରିବେ ଏବଂ ସଂପୂର୍ଣ୍ଣ ଦରଖାସ୍ତ ପାଇବାର ଷାଠିଏ ଦିନ ଭିତରେ ନିମ୍ନ ସ୍ଥାନକୁ ସୁପାରିଶ୍ କରିବେ ।

(୧) ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅଧିନରେ ଅନୁଧାନ ଆବଶ୍ୟକ ଥିବା ପ୍ରକଳ୍ପ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA) ।

(୨) ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ ଅଧିନରେ ଆସୁ ନଥିବା ପ୍ରକଳ୍ପ, କିନ୍ତୁ ସି ଆର୍ ଜେଡ୍ ଅଧିସୂଚନାରେ ୪ (ଖ) ପରିଚ୍ଛେଦ ଅଧିନରେ ଆସୁଥିବା ପ୍ରକଳ୍ପ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ।

(ଗ) ସଂପୃକ୍ତ ଉପକୂଳ ମଣ୍ଡଳ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ସୁପାରିଶକୁ ଆଧାର କରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ଷାଠିଏ ଦିନ ଭିତରେ ଏହି ପ୍ରକଳ୍ପର ବିଚାର କରିବେ ।

(ଘ) ସି ଆର୍ ଜେଡ୍ ଅଧିସୂଚନା ଅଧିନରେ ପ୍ରକଳ୍ପକୁ ମିଳିଥିବା ମଞ୍ଜୁରୀପତ୍ର, ଏହା ମିଳିବାର ପାଞ୍ଚବର୍ଷ ପର୍ଯ୍ୟନ୍ତ ନିର୍ମାଣ ଓ କାର୍ଯ୍ୟାରମ୍ଭ ପାଇଁ ବଳବତ୍ତର ରହିବ ।

(ଙ) ମଞ୍ଜୁରୀ ପ୍ରଦାନ ପରବର୍ତ୍ତୀ ତଦାରଖ ନିମନ୍ତେ (ଅ) ପ୍ରକଳ୍ପ ପ୍ରସ୍ତାବଙ୍କ ପାଇଁ ପ୍ରତି ବର୍ଷ ଜୁନ୍ ୧ ତାରିଖ ଓ ଡିସେମ୍ବର ୩୧ ତାରିଖରେ, ନିର୍ଦ୍ଧାରିତ ନିୟମାବଳୀ ପାଳନ କରାଯାଉଛି କି ନାହିଁ ଦର୍ଶାଯାଇ ଷାଣ୍ମାସିକ ରିପୋର୍ଟ ସଂପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ଉଭୟ କମ୍ପ୍ୟୁଟରିକୃତ ଓ ମୁଦ୍ରିତ ଆକାରରେ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ । ପ୍ରକଳ୍ପ ପ୍ରସ୍ତାବକଙ୍କ ତରଫରୁ କରାଯାଇଥିବା ସମସ୍ତ ରିପୋର୍ଟକୁ ସର୍ବସାଧାରଣ ଜାଣିବା ପାଇଁ ପ୍ରକାଶ କରାଯିବ । ଯେ କୌଣସି ବ୍ୟକ୍ତି ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆବେଦନ କରି ଏହି ରିପୋର୍ଟର ନକଲ ପାଇପାରିବେ ।

(ଆ) ସଂପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ୱେବସାଇଟରେ ଏହି ରିପୋର୍ଟ ଉପଲବ୍ଧ ହେବ ।

(ଚ) ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ନିମନ୍ତେ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ଏକ ୱେବସାଇଟ ଖୋଲାଯାଇ ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ, ବିବରଣୀ, ଗ୍ରହଣ କରାଯାଇଥିବା ନିଷ୍ପତ୍ତି, ମଞ୍ଜୁରୀ ପ୍ରଦାନ ପତ୍ର, ନିୟମ ଉଲ୍ଲଙ୍ଘନ, ବିଚାରଧୀନ ବିଷୟ, ମାନ୍ୟବର ନ୍ୟାୟାଳୟଙ୍କ ଆଦେଶ ଏବଂ ସଂପୃକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଅନୁମୋଦିତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଆଦି ସ୍ଥାନ ପାଇବ ।

୫. ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତି

(କ) ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସଂପୃକ୍ତ ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ ମାଧମରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରାଇବେ ।

(ଖ) ଉପକୂଳବର୍ତ୍ତୀ ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ, ଅନୁଭୂତିସମ୍ପନ୍ନ ବୈଜ୍ଞାନିକ ପ୍ରତିଷ୍ଠାନ ବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଜାତୀୟ ଚିରନ୍ତନ ଉପକୂଳ ପରିଚାଳନା କେନ୍ଦ୍ର (NCSCM) ସମେତ ଅନ୍ୟ ସଂସ୍ଥାକୁ ନିଯୁକ୍ତ କରାଇ ଏବଂ ପ୍ରଭାବିତ ହେଉଥିବା ପକ୍ଷମାନଙ୍କ ସହିତ ବିଶଦ ଆଲୋଚନା କରି ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତ କରାଇବେ।

(ଗ) ଦେଶର ଉପକୂଳରେଖା ସଂଲଗ୍ନ ରାଜ୍ୟମାନଙ୍କ ସହାୟତାରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ବିପଦରେଖା (hazard line) ନିର୍ଣ୍ଣୟ କରିବେ । ଲହଡ଼ି, ଢେଉ, ସମୁଦ୍ର ଜଳସ୍ତର ବୃଦ୍ଧି ଏବଂ ଉପକୂଳ ରେଖାରେ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିପଦରେଖା ଚିହ୍ନଟ କରାଯିବ ।

(ଘ) ଆଗାମୀ ୫୦ ଏବଂ ୧୦୦ ବର୍ଷରେ ଲହଡ଼ି, ଢେଉ ଏବଂ ସମୁଦ୍ର ଜଳ ପତ୍ତନ ବୃଦ୍ଧି ଯୋଗୁଁ ସମ୍ଭାବ୍ୟ ବନ୍ୟା ଆଶଙ୍କାକୁ ଦର୍ଶାଇବା ପାଇଁ ଉପକୂଳ ରେଖାର ସମୁଚ୍ଚ ସ୍ତର ମାନଚିତ୍ର (contour map) ଅଙ୍କନ କରାଯିବ । ଏହା ଉଚ୍ଚ ଜୁଆର ରେଖାର ସ୍ଥଳଭାଗ ଦିଗରେ ପ୍ରତି ୦.୫ ମିଟର ବ୍ୟବଧାନରେ ୭ କିଲୋମିଟର ପର୍ଯ୍ୟନ୍ତ ଅଙ୍କନ କରାଯିବ । ଐତିହାସିକ ତଥ୍ୟକୁ ଆଧାର କରି ଓ ପୂର୍ବରୁ ରହିଥିବା ଉପଗ୍ରହ ଚିତ୍ର ସହିତ ବର୍ତ୍ତମାନର ଉପଗ୍ରହ ଚିତ୍ରକୁ ତୁଳନା କରାଯାଇ ଉପକୂଳ ରେଖାରେ ପରିବର୍ତ୍ତନକୁ ଚିହ୍ନିତ କରାଯିବ ।

(ଙ) ବୃହତ୍ ସ୍ତରର ଯୋଜନା ପାଇଁ ବିପଦରେଖାକୁ ୧ : ୨୫,୦୦୦ ସ୍କେଲରେ ଅଙ୍କନ କରାଯିବା ବେଳେ କ୍ଷୁଦ୍ରସ୍ତରୀୟ ମାନଚିତ୍ର ପ୍ରସ୍ତୁତି ପାଇଁ ୧ : ୧୦,୦୦୦ ସ୍କେଲ୍ ବା କାଡାଷ୍ଟ୍ରାଲ୍ ସ୍କେଲ ବ୍ୟବହାର କରାଯାଇ ମାନଚିତ୍ର ପ୍ରସ୍ତୁତ କରାଯିବ । ଉପକୂଳ ଅଞ୍ଚଳର ଭୂମି ବ୍ୟବହାର ଯୋଜନା ପ୍ରସ୍ତୁତି ବେଳେ ବିପଦରେଖା ବିଷୟ ବିଚାରକୁ ନିଆଯିବ ।

(ଚ) ଏହି ଅଧିସୂଚନା ଜାରି ହେବାର ୨୪ ମାସ ମଧରେ ଉପକୂଳବର୍ତ୍ତୀ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳମାନେ ଏହି ଅଧିସୂଚନାର ପରିଶିଷ୍ଟ-୧ ରେ ଦର୍ଶାଇଥିବା ନିର୍ଦ୍ଦେଶାବଳୀ ଅନୁସାରେ ଏବଂ ସର୍ବସାଧାରଣଙ୍କ ସହ ବିଚାର ବିମର୍ଷ କରି ସି ଆର୍ ଜେଡ୍ ଅଞ୍ଚଳ ବର୍ଗୀକରଣ ଦର୍ଶାଉଥିବା ୧ : ୨୫,୦୦୦ ସ୍କେଲ୍‌ରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ମାନଚିତ୍ରର ଚିଠା ପ୍ରସ୍ତୁତ କରିବେ ।

(ଛ) ପରିବେଶ (ସୁରକ୍ଷା) ଆଇନ, ୧୯୮୬ ରେ ଦର୍ଶାଯାଇଥିବା ପ୍ରକ୍ରିୟା ଅନୁସାରେ ଉପଯୁକ୍ତ ବିଚାର ବିମର୍ଷ ଏବଂ ସୁପାରିଶ ସହିତ ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ, ସମ୍ପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାର ଚିଠା ପ୍ରସ୍ତାବ ଦାଖଲ କରିବେ ।

(ଜ) ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ବିଭିନ୍ନ ପକ୍ଷଙ୍କ ଠାରୁ ପାଇଥିବା ମତାମତ ଓ ଅଭିଯୋଗ ସମେତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଉପରେ ସୁପାରିଶ୍ ସହ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାର ଚିଠା ପ୍ରସ୍ତାବକୁ ୬ ମାସ ମଧ୍ୟରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିକଟରେ ଦାଖଲ କରିବେ ।

(ଝ) ସବୁ ଦିଗରୁ ସମ୍ପୂର୍ଣ୍ଣ ଥିବା ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପାଇବାର ୪ ମାସ ମଧ୍ୟରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାକୁ ଅନୁଧ୍ୟାନ କରି ସ୍ୱୀକୃତି ପ୍ରଦାନ କରିବେ ।

(ଞ) ଏହି ଅଧିସୂଚନାର ବ୍ୟବସ୍ଥା ମଧ୍ୟରେ ସ୍ୱୀକୃତିପ୍ରାପ୍ତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାର ନିୟମକୁ ଆଧାର କରି ଏହି ଅଧିସୂଚନାରେ ତାଲିକାଭୁକ୍ତ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ସ୍ଥାନୀୟ କର୍ତ୍ତୃପକ୍ଷ ବା ସମ୍ପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରଣ କରାଯିବ ।

(ଟ) ସାଧାରଣ ଭାବେ ପାଞ୍ଚ ବର୍ଷ ମଧ୍ୟରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାର ସଂଶୋଧନ କରାଯିବ ନାହିଁ । ଏହାପରେ ସମ୍ପୃକ୍ତ ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ ଉପରୋକ୍ତ ପ୍ରକ୍ରିୟାକୁ ଅନୁସରଣ କରି ମାନଚିତ୍ରରେ ପରିବର୍ତ୍ତନ ପାଇଁ ବିଚାର କରିପାରିବେ ।

(ଠ) ସି ଆର୍ ଜେଡ୍ ଅଧିସୂଚନା, ୧୯୯୧ ଅଧିନରେ ସ୍ୱୀକୃତିପ୍ରାପ୍ତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ୨୪ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ । ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ସ୍ୱତନ୍ତ୍ର ଅଧିସୂଚନା ମାଧ୍ୟମରେ ସମୟ ବଢ଼ା ନଯିବା ପର୍ଯ୍ୟନ୍ତ ଏଥିରେ ପରିବର୍ତ୍ତନ ହେବନାହିଁ ଓ ଏହି ଯୋଜନାର ପୂର୍ବ ସର୍ତ୍ତାବଳୀ ବଜାୟ ରହିବ ।

## ୬. ସି ଆର୍ ଜେଡ୍ ଅଧିସୂଚନା, ୨୦୧୧ ର ପ୍ରବର୍ତ୍ତନ

(୧) ଏହି ଅଧିସୂଚନାର ନିୟମାବଳୀ ଏବଂ ତନ୍ମଧ୍ୟରେ ନିର୍ଦ୍ଦିଷ୍ଟ କରାଯାଇଥିବା ସର୍ତ୍ତ, ପ୍ରବର୍ତ୍ତନ ଏବଂ କାର୍ଯ୍ୟକାରିତା ପାଇଁ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅଧୀନରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ରାଜ୍ୟ ସରକାର ବା କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନ, ଜାତୀୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷମାନଙ୍କ ଉପରେ ମୌଳିକ ଭାବେ ବା ଭାରାର୍ପଣ ଭାବେ କ୍ଷମତା ନ୍ୟସ୍ତ କରାଯାଇଛି ।

(୨) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ୧୯୯୩ ମସିହାର ରିଟ୍ ଆବେଦନ ୬୬୪ ରେ ଦିଆଯାଇଥବା ଆଦେଶର ସର୍ତ୍ତ ଅନୁଯାୟୀ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାର ବା କେନ୍ଦ୍ର ଶାସିତ ଅଞ୍ଚଳ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷମାନଙ୍କ ଗଠନ, ଅବଧି ଓ ଆଭିମୁଖ୍ୟ ବିଷୟରେ ଅଧିସୂଚନା ଜାରି କରାଯାଇଛି ।

(୩) ଏହି ଅଧିସୂଚନାର ପ୍ରବର୍ତ୍ତନ ଓ ତଦାରଖ ପାଇଁ ପ୍ରାଥମିକ ଭାବେ ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କର ଦାୟିତ୍ୱ ରହିବ । ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ କମିଟି ଗଠନ କରିବେ । ଏହି କମିଟିରେ ମତ୍ସ୍ୟଜୀବୀଙ୍କ ସମେତ ସ୍ଥାନୀୟ ଗୋଷ୍ଠୀଙ୍କ ପକ୍ଷରୁ ଅତି କମ୍‌ରେ ତିନିଜଣ ପ୍ରତିନିଧି ସାମିଲ ହେବେ ।

(୪) ସି ଆର୍ ଜେଡ୍ ଅଧିସୂଚନା, ୧୯୯୧ ର ନିୟମ ଅନୁସାରେ ଅନୁମତି ପାଇବା ଯୋଗ୍ୟ ଉପକୂଳରେ ପାରମ୍ପରିକ ଭାବେ ବସବାସ କରୁଥିବା ଗୋଷ୍ଠୀ, ମତ୍ସ୍ୟଜୀବୀ ଏବଂ ତଫସିଲଭୁକ୍ତ ଉପଜାତିଙ୍କ ବାସଗୃହ ; ଯାହା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଉପରୋକ୍ତ ଅଧିସୂଚନା ଅନୁସାରେ ବିଧିବଧ ଅନୁମତି ହାସଲ କରାଯାଇ ନାହିଁ, ସେ ବିଷୟରେ ସଂପୃକ୍ତ କେନ୍ଦ୍ର ଶାସିତ ଅଞ୍ଚଳ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ବିଚାର କରି ନିମ୍ନ ସର୍ତ୍ତ ଅନୁସାରେ ବାସଗୃହଗୁଡ଼ିକୁ ନିୟମିତ କରିବେ । ସର୍ତ୍ତମାନ ହେଲା :

(କ) ଏଗୁଡ଼ିକ କୌଣସି ବ୍ୟବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉ ନଥିବ ;

(ଖ) ଏଗୁଡ଼ିକ ଅଣପାରମ୍ପରିକ ଉପକୂଳ ଗୋଷ୍ଠୀକୁ ବିକ୍ରି ବା ହସ୍ତାନ୍ତର କରାଯାଇ ନଥିବ ।

୭. ଉପକୂଳ ନିୟନ୍ତ୍ରଣ ମଣ୍ଡଳର ଶ୍ରେଣୀ ବିଭାଗ - ଉପକୂଳ ଅଞ୍ଚଳ ଓ ସମୁଦ୍ର ଜଳର ସଂରକ୍ଷଣ ଓ ସୁରକ୍ଷା ପାଇଁ ଉପକୂଳ ନିୟନ୍ତ୍ରଣ ମଣ୍ଡଳକୁ ନିମ୍ନମତେ ଶ୍ରେଣୀ ବିଭାଗ କରାଯାଇଛି ।

(କ) ସି ଆର୍ ଜେଡ୍ – ୧

ଅ. ଯେଉଁ ଅଞ୍ଚଳ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଓ ଯାହାର ଭୂତାତ୍ତ୍ୱିକ ଅବସ୍ଥା ଉପକୂଳର ବୈଶିଷ୍ଟ୍ୟମାନଙ୍କୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

(୧) ହେନ୍ତାଳ ବଣ, ହେନ୍ତାଳ ବଣର ଆୟତନ ୧୦୦୦ ବର୍ଗ ମିଟରରୁ ଅଧିକ ହୋଇଥିଲେ ହେନ୍ତାଳ ବଣ ନିକଟରେ ୫୦ ମିଟର ଓସାରର ଏକ ନିରପେକ୍ଷ ଅଞ୍ଚଳ ରଖିବାକୁ ହେବ ;

(୨) ପ୍ରବାଳ ଓ ପ୍ରବାଳ ଦ୍ୱୀପ ଏବଂ ତତ୍ ସମ୍ବନ୍ଧୀୟ ଜୈବ ବିବିଧତା ;

(୩) ବାଲୁକା ସ୍ତୁପ ;

(୪) ଜୈବିକ ଦୃଷ୍ଟିରୁ ସକ୍ରିୟ ଥିବା କର୍ଦ୍ଦମାକ୍ତ ସ୍ଥାନ ;

(୫) ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ (୧୯୭୨ ର ୫୩), ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ (୧୯୮୦ ର ୬୯) ଅଥବା ପରିବେଶ (ସୁରକ୍ଷା) ଆଇନ, ୧୯୮୬ (୧୯୮୬ ର ୨୯)ର ବ୍ୟବସ୍ଥା ଅନୁସାରେ ସୁରକ୍ଷିତ ରହିଥିବା ଜାତୀୟ ଉଦ୍ୟାନ, ସାମୁଦ୍ରିକ ଉଦ୍ୟାନ, ଅଭୟାରଣ୍ୟ, ସଂରକ୍ଷିତ ଜଙ୍ଗଲ, ବନ୍ୟପ୍ରାଣୀ ଆବାସସ୍ଥଳୀ ତଥା ଅନ୍ୟାନ୍ୟ ସୁରକ୍ଷିତ ଅଞ୍ଚଳ । ଏହା ମଧରେ ଜୈବମଣ୍ଡଳ ମଧ ଅନ୍ତର୍ଭୁକ୍ତ ;

(୬) ଲୁଣି ଅଞ୍ଚଳ ;

(୭) କଇଁଛ ଅଣ୍ଡାଦେବା ସ୍ଥାନ ;

(୮) ନୀଳ ରକ୍ତ କଙ୍କଡ଼ା ଆବାସସ୍ଥଳୀ ;

(୯) ସାମୁଦ୍ରିକ ତୃଣଭୂମି ;

(୧୦) ଚଢ଼େଇମାନଙ୍କ ଅଣ୍ଡାଦେବା ସ୍ଥାନ ;

(୧୧)ଐତିହାସିକ ସ୍ଥାନ ବା ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ।

(୨) ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ମଧବର୍ତ୍ତୀ ଅଞ୍ଚଳ

ଆ. ସି ଆର୍ ଜେଡ୍ -୨

ଏହା ବିକଶିତ ଅଞ୍ଚଳ ଓ ସମୁଦ୍ର ତଟରେଖାର ନିକଟରେ ଅବସ୍ଥିତ ।

ବ୍ୟାଖ୍ୟା : "ବିକଶିତ ଅଞ୍ଚଳ" କହିଲେ ବିକାଶମୂଳକ କାର୍ଯ୍ୟ ହୋଇଥିବା ପୌରାଞ୍ଚଳ ବା ଅନ୍ୟ ଆଇନସିଦ୍ଧ ସହରାଞ୍ଚଳକୁ ବୁଝାଯିବ । ଏହି ଅଞ୍ଚଳର ରାସ୍ତାଘାଟ, ଜଳନିଷ୍କାସନ ବ୍ୟବସ୍ଥା, ଜଳଯୋଗାଣ, ନର୍ଦ୍ଦମାପାଣି ନିଷ୍କାସନ ଆଦି ଭିତ୍ତିଭୂମିର ବିକାଶ କରାଯାଇଥିବ ।

(ଗ) ସି ଆର୍ ଜେଡ୍ -୩

ଏହି ଅଞ୍ଚଳ ତୁଳନାତ୍ମକ ଭାବେ ଅକ୍ଷୁର୍ଣ୍ଣ ରହିଛି । ଏହା ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ । ଉପକୂଳବର୍ତ୍ତୀ ମଣ୍ଡଳର ଗ୍ରାମାଞ୍ଚଳରେ ଥିବା ଅଞ୍ଚଳ (ବିକଶିତ ଓ ଅବିକଶିତ) ଏହାର ଅନ୍ତର୍ଭୁକ୍ତ ଅଟେ। ପୌରାଞ୍ଚଳ ତଥା ଅନ୍ୟାନ୍ୟ ଆଇନସମ୍ମତ ସହରାଞ୍ଚଳ ଅଧିନରେ ଥିବା ଅଞ୍ଚଳ, ଯେଉଁଠି ବିଶେଷ କିଛି ନିର୍ମାଣ କାର୍ଯ୍ୟ କରାଯାଇ ନାହିଁ ।

(ଘ) ସି ଆର୍ ଜେଡ୍ – ୪

(୧) ସମୁଦ୍ର କୂଳରେ ଉଚ୍ଚ ଜୁଆର ରେଖା ଠାରୁ ଜଳଭାଗ ମଧ୍ୟରେ ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ଅଞ୍ଚଳ ।

(୨) ସମୁଦ୍ର ଲହଡ଼ି ଦ୍ୱାରା ପ୍ରଭାବିତ ଉପକୂଳ ଅଞ୍ଚଳରେ ଜଳାଶୟର ମୁଖଠାରୁ ବର୍ଷର ଶୁଷ୍କ ସମୟରେ ଜଳର ଲବଣତା ଶତକଡ଼ା ୦.୫ ଭାଗ (ହଜାର ଭାଗରେ ପାଞ୍ଚ ଭାଗ) ହେବା ସ୍ଥାନ ପର୍ଯ୍ୟନ୍ତ ଅଞ୍ଚଳକୁ ଏହାର ଅନ୍ତର୍ଭୁକ୍ତ କରାଯାଇ ପାରିବ ।

(ଙ) ସଂକଟାପନ୍ନ ଉପକୂଳବର୍ତ୍ତୀ ପରିବେଶର ସୁରକ୍ଷା ଏବଂ ସ୍ଥାନୀୟ ଗୋଷ୍ଠୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଯୋଗୁଁ ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣ କରୁଥିବା ଅଞ୍ଚଳ

ଅ. (କ)ବୃହତ୍ ମୁମ୍ବାଇ ନଗରାଞ୍ଚଳ ସୀମା ମଧରେ ଥିବା ଉପକୂଳ ନିୟନ୍ତ୍ରଣ ମଣ୍ଡଳ;

(ଖ) କେରଳ ରାଜ୍ୟରେ ଥିବା ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅନ୍ତର୍ଗତ ଆବଦ୍ଧ ଜଳ ଅଞ୍ଚଳ ଓ ଆବଦ୍ଧ ଜଳ ଅଞ୍ଚଳର ଦ୍ୱୀପପୁଞ୍ଜ ;

(ଗ) ଗୋଆର ଉପକୂଳ ନିୟନ୍ତ୍ରଣ ମଣ୍ଡଳ ।

ଆ. ସଙ୍କଟଜନକ ଭାବେ ସମ୍ବେଦନଶୀଳ ଉପକୂଳ ଅଞ୍ଚଳ (CVCA) ଯଥା ପଶ୍ଚିମବଙ୍ଗର ସୁନ୍ଦରବନ ଅଞ୍ଚଳ ଏବଂ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅଧିନରେ ଚିହ୍ନିତ ପରିବେଶ ଦୃଷ୍ଟିରୁ ଅନ୍ୟ ସମ୍ବେଦନଶୀଳ ଏବଂ ଉପକୂଳବର୍ତ୍ତୀ ଗୋଷ୍ଠୀ ଓ ମତ୍ସ୍ୟଜୀବୀଙ୍କୁ ଜଡ଼ିତ କରି ପରିଚାଳିତ ଅଞ୍ଚଳ ।

୮. ଏହି ଅଧିସୂଚନା ଅନ୍ତର୍ଗତ ସ୍ୱୀକୃତିପ୍ରାପ୍ତ କାର୍ଯ୍ୟ ପାଇଁ ନିୟମାବଳୀ

(କ) ବିଭିନ୍ନ ଉପକୂଳ ନିୟନ୍ତ୍ରଣ ମଣ୍ଡଳରେ ବିକାଶମୂଳକ କାର୍ଯ୍ୟ ବା ନିର୍ମାଣ କାର୍ଯ୍ୟ ନିମ୍ନ ନିୟମାବଳୀ ଅନୁସାରେ ସମ୍ପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରଣ କରାଯିବ ।

ଦ୍ରଷ୍ଟବ୍ୟ : ଏହାପରେ ସଂପ୍ରତି ରହିଥିବା ବ୍ୟବହାରର ଅର୍ଥ ବିଭିନ୍ନ ଉପାଦାନର ଉପସ୍ଥିତି ବା ନିୟମିତ କରିବା ବା ନିୟମର ଅର୍ଥ ସିଆର୍‌ଜେଡ୍ ଅଧିସୂଚନା ଜାରିହେବା ତାରିଖ ଅର୍ଥାତ ୧୯.୨.୧୯୯୧ ତାରିଖରେ ରହିଥିବା ବୈଶିଷ୍ଟ୍ୟ, ନିୟମିତକରଣ ବା ନିୟମକୁ ବୁଝିବାକୁ ହେବ।

I. ସି ଆର୍ ଜେଡ୍ -୧

(କ) ତଳ ଲିଖିତ କ୍ଷେତ୍ରକୁ ଛାଡ଼ିଦେଲେ ସିଆର୍‌ଜେଡ୍-୧ରେ କୌଣସି ପ୍ରକାରର ନୂତନ ନିର୍ମାଣ କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ ।

(୧) ଆଣବିକ ଶକ୍ତି ବିଭାଗ ସହିତ ସମ୍ପୃକ୍ତ ପ୍ରକଳ୍ପ;

(୨) ପାଇପ ଲାଇନ୍, ପରିବାହୀ ଲାଇନ୍ ଓ ପ୍ରସାରଣ ଲାଇନ୍;

(୩) ଉପକୂଳ ନିୟନ୍ତ୍ରଣ ମଣ୍ଡଳ – ୧ ଅନ୍ତର୍ଗତ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସୁବିଧା ସୁଯୋଗ;

(୪) ପାଣିପାଗ ପୂର୍ବସୂଚନା ପାଇବା ଓ ବାତ୍ୟା ଗତିବିଧି ଜାଣିବା ନିମନ୍ତେ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପାଣିପାଗ ରାଡ଼ାର ସ୍ଥାପନ ;

(୫) ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ମଧରେ ଜୁଆରର ଗତିକୁ ପ୍ରଭାବିତ ନକରି ସ୍ତମ୍ଭ ସାହାଯ୍ୟରେ ସାମୁଦ୍ରିକ ରାସ୍ତା ନିର୍ମାଣ ;

(୬) ନବି ମୁମ୍ବାଇରେ ପୂର୍ବରୁ ଅନୁମୋଦିତ ଗ୍ରୀନ୍ ଫିଲଡ୍ ବିମାନ ବନ୍ଦର ନିର୍ମାଣ ।

(ଖ) ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ମଧବର୍ତ୍ତୀ ଅଞ୍ଚଳ, ଯାହାକି ଗୁରୁତ୍ୱପୂର୍ଣ୍ଣ କିନ୍ତୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ନୁହେଁ, ସେହି ଅଞ୍ଚଳ ପାଇଁ ନିମ୍ନ କାର୍ଯ୍ୟକ୍ରମ ନିମନ୍ତେ ଅନୁମତି ପ୍ରଦାନ କରାଯିବାବେଳେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ ।

(୧) ପ୍ରାକୃତିକ ଗ୍ୟାସ ସନ୍ଧାନ ଓ ଉତ୍ତୋଳନ ;

(୨) ଜୈବମଣ୍ଡଳ ମଧରେ ବସବାସ କରୁଥିବା ଲୋକମାନଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଡାକ୍ତରଖାନା, ବିଦ୍ୟାଳୟ, ସର୍ବସାଧାରଣ ଆଶ୍ରୟସ୍ଥଳ, ଗୋଷ୍ଠୀ ଶୌଚାଳୟ, ସେତୁ, ରାସ୍ତା, ଜେଟି, ଜଳଯୋଗାଣ, ଜଳ ନିଷ୍କାସନ ବ୍ୟବସ୍ଥା, ନର୍ଦ୍ଦମାପାଣି ନିଷ୍କାସନ ଆଦି ନିର୍ମାଣ କାର୍ଯ୍ୟ କରାଯାଇପାରିବ। ଏଥିପାଇଁ ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ପତ୍ର ଆଣିବାକୁ ହେବ ;

(୩) ବିପଦ ସଙ୍କୁଳ ଅଞ୍ଚଳରେ ଏହି ବିକାଶମୂଳକ କାର୍ଯ୍ୟ ପାଇଁ ଅନୁମତି ଦେବାବେଳେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା କରାଯିବା ଦରକାର ;

(୪) ସୂର୍ଯ୍ୟରଶ୍ମି ଦ୍ୱାରା ସମୁଦ୍ରଜଳ ବାଷ୍ପୀକରଣ ଦ୍ୱାରା ଲବଣ ଉତ୍ପାଦନ ;

(୫) ଲବଣମୁକ୍ତ (desalination) କାରଖାନା ସ୍ଥାପନ ;

(୬) ଅଧିସୂଚିତ ବନ୍ଦରରେ ଖାଇବା ତେଲ, ରାସାୟନିକ ସାର, ଖାଦ୍ୟଶସ୍ୟ ଆଦି ସୁରକ୍ଷିତ ଦ୍ରବ୍ୟର ସଂରକ୍ଷଣ ;

(୭) ଜୁଆରକୁ ପ୍ରଭାବିତ ନକରି ସ୍ତମ୍ଭ ସାହାଯ୍ୟରେ ସାମୁଦ୍ରକି ରାସ୍ତା ବା ଯୋଗାଯୋଗ ବ୍ୟବସ୍ଥା ପ୍ରତିଷ୍ଠା।

II. ସି ଆର୍ ଜେଡ୍ -୨

(କ) ସଂପ୍ରତି ରହିଥିବା ରାସ୍ତା ବା ଆଇନସମ୍ମତ ନିର୍ମାଣର ସ୍ଥଳଭାଗ ଦିଗରେ ଗୃହନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ ;

(ଖ) ସଂପ୍ରତି ରହିଥିବା ରାସ୍ତା ବା ପରିକଳ୍ପିତ ରାସ୍ତା ଅଥବା ସଂପ୍ରତି ରହିଥିବା ଆଇନସମ୍ମତ ନିର୍ମାଣର ସ୍ଥଳଭାଗ ଦିଗରେ ଗୃହନିର୍ମାଣ କାର୍ଯ୍ୟ ପ୍ରଚଳିତ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁଯାୟୀ ଚଟାଣ ଆୟତନ ମାନ ବା ଚଟାଣ ଆୟତନ ଅନୁପାତରେ କରିବାକୁ ହେବ । ସଂପ୍ରତି ରହିଥିବା ରାସ୍ତାର ସମୁଦ୍ର ପଟକୁ ନୂତନଭାବେ କରାଯାଇଥିବା ରାସ୍ତାର ସ୍ଥଳଭାଗ ଦିଗକୁ କୌଣସି ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ନାହିଁ ;

(ଗ) ପୂର୍ବରୁ ନିର୍ଦ୍ଧାରିତ ଚଟାଣ ଆୟତନ ଅନୁପାତ ବା ଚଟାଣ ଆୟତନ ମାନକୁ ନ ବଦଳାଇ ତଥା ବ୍ୟବହାର ଉଦ୍ଦେଶ୍ୟରେ ପରିବର୍ତ୍ତନ ନ ଘଟାଇ ପ୍ରାଧିକୃତ ଗୃହମାନଙ୍କର ପୁନଃନିର୍ମାଣ ନିମନ୍ତେ ଅନୁମତି ପ୍ରଦାନ କରାଯାଇ ପାରିବ ;

(ଘ) ଏହି ଅଧିସୂଚନାର ପରିଶିଷ୍ଟ-୨ରେ ବର୍ଣ୍ଣିତ ନିୟମ ଅନୁସାରେ ପେଟ୍ରୋଲିୟମ୍ ପଦାର୍ଥ ଓ ତରଳୀକୃତ ପ୍ରାକୃତିକ ଗ୍ୟାସର ପରିବହନ ଓ ସଂରକ୍ଷଣ କରାଯାଇପାରିବ । ପରିଚ୍ଛେଦ ୩ ର ଉପ ପରିଚ୍ଛଦ (ଖ) ରେ ବର୍ଣ୍ଣିତ ସର୍ତ୍ତ ଅନୁସାରେ ତରଳ ପ୍ରାକୃତିକ ଗ୍ୟାସ (LPG) ର ପୁନଃ ବାଷ୍ପୀକରଣ କରାଯାଇପାରିବ ;

(ଙ) ଲବଣମୁକ୍ତ କାରଖାନା ଓ ଆନୁସଙ୍ଗିକ ସୁବିଧାସୁଯୋଗ ସୃଷ୍ଟି ;

(ଚ) ଅଧିସୂଚିତ ବନ୍ଦରରେ ସୁରକ୍ଷିତ ପଦାର୍ଥ ଯଥା ଖାଦ୍ୟଶସ୍ୟ, ରାସାୟନିକ ସାର ଓ ଖାଇବା ତେଲ ସଂରକ୍ଷଣ ;

(ଛ) ଅଣପାରମ୍ପରିକ ଉତ୍ସରୁ ଶକ୍ତି ଉତ୍ପାଦନ ଏବଂ ତତ୍‌ସମ୍ବନ୍ଧୀୟ ସୁବିଧା ସୃଷ୍ଟି କରିବା ।

III. ସି ଆର୍ ଜେଡ୍ -୩

ଅ. ସମୁଦ୍ର କ୍ଷେତ୍ରରେ ଉଚ୍ଚ ଜୁଆର ରେଖାଠାରୁ ସ୍ଥଳଭାଗ ଆଡ଼କୁ ୨୦୦ ମିଟର ଦୂରତା ପର୍ଯ୍ୟନ୍ତ ଏବଂ ଜଳାଶୟ କ୍ଷେତ୍ରରେ ଜୁଆର ପ୍ରଭାବିତ ଜଳାଶୟର ୧୦୦ ମିଟର ପର୍ଯ୍ୟନ୍ତ ବା ସଂକୀର୍ଣ୍ଣ ଜଳାଶୟର ଓସାର, ଯାହା କମ୍ ହେବ, ସ୍ଥାନକୁ ବିକାଶ ନିଷିଦ୍ଧ ଅଞ୍ଚଳ ଭାବେ ଚିହ୍ନଟ କରାଯିବ ।

(କ) ଅଧିସୂଚିତ ବନ୍ଦର ପରିସୀମାରେ ଥିବା ଅଞ୍ଚଳରେ ବିକାଶ ନିଷିଦ୍ଧ ଅଞ୍ଚଳ ନିୟମ ଲାଗୁ ହେବ ନାହିଁ।

(ଖ) ପ୍ରାଧିକୃତ ଢାଞ୍ଚାର ମରାମତି ବା ପୁନଃନିର୍ମାଣ ବ୍ୟତୀତ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟକୁ ଅନୁମତି ପ୍ରଦାନ କରାଯିବ ନାହିଁ । ପୂର୍ବରୁ ଥିବା ଚଟାଣ ଆୟତନ ମାନ, ପ୍ଲିନ୍ଥ ଆୟତନ ଏବଂ ସାନ୍ଦ୍ରତାରେ ବୃଦ୍ଧି ଘଟିବ ନାହିଁ । ଅଧିସୂଚନା ଅନ୍ତର୍ଗତ ଅନୁମତିପ୍ରାପ୍ତ କାର୍ଯ୍ୟ ବା ଏଥିପାଇଁ ଆବଶ୍ୟକ ହେଉଥିବା ସୁବିଧା ସୃଷ୍ଟି କରାଯିବ । ଉପକୂଳ ଅଞ୍ଚଳରେ ପାରମ୍ପରିକ ଭାବେ ବସବାସ କରୁଥିବା ସ୍ଥାନୀୟ ଗୋଷ୍ଠୀ ବା ମତ୍ସ୍ୟଜୀବୀଙ୍କ ପାଇଁ ଉଚ୍ଚ ଜୁଆର ରେଖାର ୧୦୦ ରୁ ୨୦୦ ମିଟର ମଧ୍ୟରେ ବାସଗୃହ ନିର୍ମାଣ ବା ପୁନଃନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ । ଏହା ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ ତରଫରୁ ପାରମ୍ପରିକ ଭାବେ ଉପକୂଳରେ ବସବାସ କରୁଥିବା ଗୋଷ୍ଠୀ ଓ ମତ୍ସ୍ୟଜୀବୀଙ୍କ ସହ

ଆଲୋଚନା କରି ଏବଂ ଆବଶ୍ୟକୀୟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା, ପରିଚ୍ଛନ୍ନତା ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଅନୁମତି ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ଜାତୀୟ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଥିବା ସୁପାରିଶ ଭିତ୍ତିରେ କରାଯିବ ।

(ଗ) ତେବେ ବିକାଶ ନିଷିଦ୍ଧ ଅଞ୍ଚଳରେ ନିମ୍ନ କାର୍ଯ୍ୟମାନଙ୍କ ପାଇଁ ଅନୁମତି ପ୍ରଦାନ କରାଯାଇ ପାରିବ ।

(୧) କୃଷି, ଉଦ୍ୟାନ କୃଷି, ବଗିଚା ନିର୍ମାଣ, ଘାସ ପଡ଼ିଆ ପ୍ରସ୍ତୁତି, ପ୍ରମୋଦ ଉଦ୍ୟାନ, ଖେଳ ପଡ଼ିଆ ଓ ଜଙ୍ଗଲ ସୃଷ୍ଟି ;

(୨) ଆଣବିକ ଶକ୍ତି ବିଭାଗ ସହ ସଂପୃକ୍ତ ପ୍ରକଳ୍ପ ;

(୩) ବିରଳ ଖଣିଜ ପଦାର୍ଥ ଉତ୍ତୋଳନ ;

(୪) ସମୁଦ୍ର ଜଳରୁ ଲବଣ ଉତ୍ପାଦନ ;

(୫) ପରିଶିଷ୍ଟ-୨ରେ ଦର୍ଶାଯାଇଥିବା ପରି ପେଟ୍ରୋଲିୟମ ଜାତ ପଦାର୍ଥ ଓ ତରଳ ପ୍ରାକୃତିକ ଗ୍ୟାସ୍ ପରିବହନ ଓ ସଂରକ୍ଷଣ ପାଇଁ ସୁବିଧା ସୁଯୋଗ ସୃଷ୍ଟି ;

(୬) ପରିଚ୍ଛେଦ ୩ ର ଉପପରିଚ୍ଛେଦ (ଖ) ରେ ଦର୍ଶାଯାଇଥିବା ସର୍ତ୍ତ ଅନୁସାରେ ତରଳ ପ୍ରାକୃତିକ ଗ୍ୟାସର ପୁନଃ ବାଷ୍ପୀକରଣ ;

(୭) ଅଣପାରମ୍ପରିକ ଶକ୍ତି ଉତ୍ସରୁ ବିଦ୍ୟୁତ ସୃଷ୍ଟି ପାଇଁ ସୁବିଧା ସୁଯୋଗ

(୮) ଲବଣମୁକ୍ତ କାରଖାନା ସ୍ଥାପନ ପାଇଁ ଉପକୂଳର ସୁବିଧା ଓ ଏଥିସହ ସଂପୃକ୍ତ ସୁବିଧା ସୁଯୋଗ ସୃଷ୍ଟି ;

(୯) ପାଣିପାଗ ସମ୍ପର୍କୀୟ ରାଡ଼ାର ;

(୧୦) ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତା ପୂରଣ ପାଇଁ ଡାକ୍ତରଖାନା, ବିଦ୍ୟାଳୟ, ସର୍ବସାଧାରଣ ଆଶ୍ରୟଗୃହ, ଗୋଷ୍ଠୀ ଶୌଚାଳୟ, ସେତୁ, ରାସ୍ତା, ଜଳଯୋଗାଣ ବ୍ୟବସ୍ଥା, ଜଳ ନିଷ୍କାସନ, ନର୍ଦ୍ଦମାପାଣି ନିଷ୍କାସନ, ଶବଦାହ ଗୃହ, ସମାଧି କ୍ଷେତ୍ର, ବିଦ୍ୟୁତ ସବଷ୍ଟେସନ ଆଦି ନିର୍ମାଣ କରାଯାଇପାରିବ । ଏଥିପାଇଁ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିପାରିବେ;

(୧୧) ସଂପୃକ୍ତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ବା କମିଟିରୁ ପ୍ରାକ୍ ଅନୁମତି ନେଇ ଘରୋଇ ପରିମଳ ପରିଚାଳନା ବ୍ୟବସ୍ଥା ସୃଷ୍ଟି, ଏହାର ଉପଚାର ଓ ନିଷ୍କାସନ ବ୍ୟବସ୍ଥା କରାଯାଇ ପାରିବ;

(୧୨) ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ଯଥା ମାଛ ଶୁଖାଇବା ପ୍ରାଙ୍ଗଣ, ନିଲାମ ଗୃହ, ପାରମ୍ପରିକ ନୌକା ନିର୍ମାଣ ପ୍ରାଙ୍ଗଣ, ଜାଲ ମରାମତି ସ୍ଥାନ, ବରଫ ଗୃହ ଏବଂ ମତ୍ସ୍ୟ ପ୍ରକ୍ରିୟାକରଣ ଗୃହ ନିର୍ମାଣ ଇତ୍ୟାଦି ;

(୧୩) ଅନୁମତି ପାଇ ସାରିଥିବା ନବି ମୁମ୍ବାଇର ଗ୍ରୀନ୍ ଫିଲ୍ଡ଼ ବିମାନବନ୍ଦରର ବିକାଶ ।

ଆ.	୨୦୦ ମିଟରରୁ ୫୦୦ ମିଟର ମଧ୍ୟବର୍ତ୍ତୀ ଅଞ୍ଚଳ

ଉପରୋକ୍ତ ଅଞ୍ଚଳରେ ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯାଇପାରିବ ।

(କ) ପରିଶିଷ୍ଟ -୩ ରେ ଉଲ୍ଲିଖିତ ନିର୍ଦ୍ଦେଶାବଳୀର ସର୍ତ୍ତ ଅନୁସାରେ ଅଧିସୂଚିତ ଅଞ୍ଚଳରେ ଥିବା ଖାଲି ସ୍ଥାନରେ ହୋଟେଲ, ବେଳାଭୂମି ରିସୋର୍ଟ ତଥା ପର୍ଯ୍ୟଟକ ଓ ପରିଦର୍ଶକଙ୍କ ପାଇଁ ଅସ୍ଥାୟୀ ନିବାସସ୍ଥଳୀ ନିର୍ମାଣ କରାଯାଇପାରିବ ;

(ଖ) ପରିଶିଷ୍ଟ- ୨ରେ ଦର୍ଶାଯାଇଥିବା ପରି ପେଟ୍ରୋଲିୟମଜାତ ପଦାର୍ଥ ଓ ତରଳ ପ୍ରାକୃତିକ ଗ୍ୟାସ ପରିବହନ ଓ ସଂରକ୍ଷଣ ପାଇଁ ସୁବିଧା ସୁଯୋଗ ସୃଷ୍ଟି ;

(ଗ) ପରିଚ୍ଛେଦ ୩ ର ଉପପରିଚ୍ଛେଦ (ଖ)ରେ ଦର୍ଶାଯାଇଥିବା ସର୍ତ୍ତ ଅନୁସାରେ ତରଳ ପ୍ରାକୃତିକ ଗ୍ୟାସର ପୁନଃ ବାଷ୍ପୀକରଣ ପାଇଁ ସୁବିଧାସୁଯୋଗ ସୃଷ୍ଟି ;

(ଘ) ଅଧିସୂଚିତ ବନ୍ଦରରେ କ୍ଷତିକାରକ ହୋଇ ନଥିବା ପଦାର୍ଥ ଯଥା ଖାଦ୍ୟଶସ୍ୟ, ରାସାୟନିକ ସାର ଓ ଖାଇବା ତେଲ ସଂରକ୍ଷଣ ;

(ଙ) ଲବଣମୁକ୍ତ (desalination) କାରଖାନା ସ୍ଥାପନ ଓ ତତ୍ସମ୍ବନ୍ଧୀୟ ସୁବିଧା ସୃଷ୍ଟି ;

(ଚ) ଅଣପାରମ୍ପରିକ ଉତ୍ସରୁ ଶକ୍ତି ଉତ୍ପାଦନ ପାଇଁ ସୁବିଧା ସୃଷ୍ଟି;

(ଛ) ସ୍ଥାନୀୟ ମତ୍ସ୍ୟଜୀବୀ ତଥା ଗୋଥାନ୍‌ସଙ୍କ ପାରମ୍ପରିକ ଅଧିକାର ସୁରକ୍ଷା ପାଇଁ ବାସଗୃହ ନିର୍ମାଣ ବା ପୁନଃନିର୍ମାଣ ନିମନ୍ତେ ଅନୁମତି ପ୍ରଦାନ । ଗୃହନିର୍ମାଣ ପାଇଁ ଅନୁମତି ପ୍ରଦାନ ପୂର୍ବରୁ ଦେଖିବାକୁ ହେବ ଯେ ଏହା ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁସାରେ ହୋଇଥିବ । ଗୃହଗୁଡ଼ିକର ଉଚ୍ଚତା ୯ ମିଟରରୁ ଅଧିକ ହେବ ନାହିଁ ଏବଂ ଏହା ଦୁଇ ମହଲାରୁ (ତଳ ମହଲା ଓ ପ୍ରଥମ ମହଲା) ଅଧିକ ହୋଇପାରିବ ନାହିଁ ;

(ଜ) ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସର୍ବସାଧାରଣ ଆଶ୍ରୟସ୍ଥଳ, ଗୋଷ୍ଠୀ ଶୌଚାଳୟ, ଜଳ ଯୋଗାଣ ବ୍ୟବସ୍ଥା, ନର୍ଦ୍ଦମା ପାଣି ନିଷ୍କାସନ, ରାସ୍ତା ତଥା ସେତୁ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇପାରିବ । ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଉକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଦ୍ୟାଳୟ ଓ ଡାକ୍ତରଖାନା ନିର୍ମାଣ ନିମନ୍ତେ ଅନୁମତି ପ୍ରଦାନ କରାଯାଇ ପାରିବ । ଉପକୂଳ ନିୟନ୍ତ୍ରଣ ମଣ୍ଡଳ ମଧ୍ୟରେ ରହିଥିବା ପଞ୍ଚାୟତ, ଯେଉଁଠାରେ କି ଏସବୁ ନିର୍ମାଣ କାର୍ଯ୍ୟ ପାଇଁ ଅନ୍ୟ ସ୍ଥାନର ଅଭାବ ଥିବ, ସେଠାରେ ଏହି ଅନୁମତି ପ୍ରଦାନ କରାଯାଇପାରିବ;

(ଝ) ପୂର୍ବରୁ ରହିଥିବା ପ୍ରାଧିକୃତ ଗୃହର ପରିବର୍ତ୍ତନ ବା ପୁନଃନିର୍ମାଣ କରାଯାଇ ପାରିବ । ତେବେ ଉପର ବର୍ଣ୍ଣିତ ଉପ ପରିଚ୍ଛେଦ (ଛ) ଓ (ଜ)ର ସର୍ତ୍ତ ଅନୁସାରେ ଏହା କରାଯିବ ।

(ଞ) ନବି ମୁମ୍ବାଇରେ ଅନୁମତି ପାଇସାରିଥିବା ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ନିର୍ମାଣ

**IV.** ସି ଆର୍ ଜେଡ୍ -୪ ଅଞ୍ଚଳରେ

ସ୍ଥାନୀୟ ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଉଥିବା ପାରମ୍ପରିକ ମାଛଧରା ଓ ତତ୍ସମ୍ବନ୍ଧୀୟ କାର୍ଯ୍ୟ ବ୍ୟତୀତ ସମୁଦ୍ର ଜଳ ଓ ଜୁଆର ପ୍ରଭାବିତ ଜଳାଶୟରେ କରାଯାଉଥିବା କାର୍ଯ୍ୟକୁ ନିମ୍ନମତେ ନିୟନ୍ତ୍ରଣ କରାଯିବ :-

(୧) ଉପଚାର ହୋଇନଥିବା ନର୍ଦ୍ଦମା ପାଣି, ଆବର୍ଜନା, ବାଲାଷ୍ଟ ଜଳ, ଜାହାଜ ଧୂଆ ପାଣି, ଉଡ଼ନ୍ତା ପାଉଁଶ ବା ମତ୍ସ୍ୟଚାଷ ଓ ଅନ୍ୟ ସ୍ଥାନରୁ ମିଳୁଥିବା କଠିନ ବର୍ଜ୍ୟବସ୍ତୁ ବାହାରେ ଫିଙ୍ଗା

ଯାଇପାରିବ ନାହିଁ ଅଥବା ଜମା କରାଯାଇ ପାରିବ ନାହିଁ । ଉପକୂଳବର୍ତ୍ତୀ ସହର ଓ ବଜାରରୁ ନିର୍ଗତ ହେଉଥିବା ଆବର୍ଜନା ଓ ନର୍ଦ୍ଦମା ପାଣିର ଉପଚାର କରିବା ପାଇଁ ବିଶଦ ଯୋଜନା ପ୍ରସ୍ତୁତ କରାଯିବା ଦରକାର । ଏହି ଅଧିସୂଚନା ପ୍ରକାଶିତ ହେବାର ଏକ ବର୍ଷ ମଧ୍ୟରେ ଉପକୂଳର ପାରମ୍ପରିକ ଗୋଷ୍ଠୀ, ମତ୍ସ୍ୟଜୀବୀ ଓ ଅନ୍ୟ ପକ୍ଷମାନଙ୍କ ସହିତ ବିଚାରବିମର୍ଷ କରି ଯୋଜନା ପ୍ରସ୍ତୁତ କରାଯିବ ଓ ଏହାକୁ କାର୍ଯ୍ୟକାରୀ କରାଯିବ ।

(୨) ତୈଳ ଏବଂ ଗ୍ୟାସ୍ ସନ୍ଧାନ ଓ ଖନନ, ଖୋଦନ, ବୋଟଗୃହ ଓ ଜାହାଜ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ।

(୩) ସ୍ଥାନୀୟ ଗୋଷ୍ଠୀମାନଙ୍କ ଦ୍ୱାରା ମାଛଧରା ତଥା ଆନୁସଙ୍ଗିକ କାର୍ଯ୍ୟ ଉପରେ କଟକଣା ରହିବ ନାହିଁ।

V. ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣ କରୁଥିବା ଅଞ୍ଚଳ

୧. ବୃହତ ମୁମ୍ବାଇ ନଗରପାଳିକା ସୀମା ମଧ୍ୟରେ ରହିଥିବା ଉପକୂଳ ନିୟନ୍ତ୍ରଣ ମଣ୍ଡଳ

(କ) ବୃହତ ମୁମ୍ବାଇର ସିଆର୍‌ଜେଡ୍ ଅଞ୍ଚଳରେ ବିକାଶ କାର୍ଯ୍ୟ ଯୋଗୁଁ ପରିବେଶଗତ ସମସ୍ୟା ଉତ୍ପନ୍ନ ହୋଇଥାଏ । ଉପଚାର ହୋଇ ନଥିବା ନର୍ଦ୍ଦମା ପାଣି ଓ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ଏହି ଅଞ୍ଚଳରେ ଥିବା ହେନ୍ତାଳ ବଣ କ୍ଷତିଗ୍ରସ୍ତ ହେବା ସହିତ ଜଳାଶୟ ପ୍ରଦୂଷିତ ହୋଇଥାଏ । ଏଥିସହିତ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କ ପାଇଁ ଉତ୍ତମ ବାସଗୃହର ଆବଶ୍ୟକତା ରହିଛି । ବୃହତ ମୁମ୍ବାଇ ଅନ୍ତର୍ଗତ ଆନ୍ତଃସଂଯୋଗୀକୃତ ଦ୍ୱୀପମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ନଥିବାରୁ ନିମ୍ନମତେ ଏହାକୁ ନିୟନ୍ତ୍ରଣ କରାଯିବ ।

ଅ. ରାସ୍ତା ନିର୍ମାଣ – ଏହି ଅଧିସୂଚନାର ପରିଚ୍ଛେଦ ୭ ର ଉପପରିଚ୍ଛେଦ (କ) ଅନୁସାରେ କେବଳ ନିମ୍ନ କାର୍ଯ୍ୟମାନ କରାଯାଇପାରିବ ।

(୧) ଜୁଆର ପାଣିର ଗତିକୁ ପ୍ରଭାବିତ ନକରି ସ୍ତମ୍ଭ ଉପରେ ସାମୁଦ୍ରିକ ରାସ୍ତା ଓ ସଂଯୋଗ ରାସ୍ତା ନିର୍ମାଣ କରାଯିବ । ଏହି ରାସ୍ତା ବୃହତ୍ ମୁମ୍ବାଇର ବିକାଶ ଯୋଜନାରେ ଅନୁମୋଦିତ ହୋଇଥିବା ଦରକାର । ନିର୍ମିତ ରାସ୍ତା ବା ସଂଯୋଗ ରାସ୍ତାର ସ୍ଥଳଭାଗ ପଟକୁ ରହିଥିବା ସ୍ଥାନରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ ର ସୁବିଧା ପ୍ରଦାନ କରାଯିବ ନାହିଁ । ଏଥିପାଇଁ ସର୍ତ୍ତମାନ ହେଲା :-

(କ) ସମସ୍ତ ହେନ୍ତାଳ ବଣକୁ ଚିହ୍ନଟ କରି ଏହାକୁ ସୁରକ୍ଷିତ ଜଙ୍ଗଲ ଘୋଷଣା କରିବା ଏବଂ ଚିହ୍ନଟିକରଣ କରାଯାଇଥିବା ସମସ୍ତ ହେନ୍ତାଳ ବଣର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ।

(ଖ) ନିର୍ମାଣ ପ୍ରକ୍ରିୟାରେ ନଷ୍ଟ ହେଉଥିବା ବା କଟାଯାଉଥିବା ହେନ୍ତାଳ ବୃକ୍ଷର ପାଞ୍ଚଗୁଣ ବୃକ୍ଷ ପୁନଃରୋପଣ କରିବା ।

ଆ. ସିଆର୍‌ଜେଡ୍ ଅଞ୍ଚଳ ବାହାରେ କଠିନ ବର୍ଜ୍ୟବସ୍ତୁ ଜମା କରିବା ପାଇଁ ସ୍ଥାନ ଚିହ୍ନଟ ହେବ ଏବଂ ତା ପରେ ଦୁଇ ବର୍ଷ ମଧ୍ୟରେ ପୂର୍ବରୁ ଥିବା କଠିନ ବର୍ଜ୍ୟବସ୍ତୁ ଜମା କରିବା ସ୍ଥାନକୁ ସିଆର୍‌ଜେଡ୍ ଅଞ୍ଚଳ ବାହାରକୁ ନିଆଯିବ ।

ଗ. ସି ଆର୍ ଜେଡ୍ – ୨ ଅଞ୍ଚଳରେ

(କ) ଏହି ଅଧିସୂଚନା ଜାରି ହେବା ତାରିଖ (୧୯.୦୨.୧୯୯୧)ରେ ପ୍ରଚଳିତ ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳ ନିୟମ ଅନୁସାରେ ବିକାଶମୂଳକ ତଥା ପୁନଃନିର୍ମାଣ କାର୍ଯ୍ୟକ୍ରମ ଗ୍ରହଣ କରାଯିବ, ଯେ ପର୍ଯ୍ୟନ୍ତ ଏହି ଅଧିସୂଚନାରେ ନିର୍ଦ୍ଦିଷ୍ଟ ଭାବେ କିଛି କୁହାଯାଇନାହିଁ ।

(୨). ବସ୍ତି ଅଞ୍ଚଳ ଥଇଥାନ ଯୋଜନା

୧. ବୃହତ୍ ମୁମ୍ବାଇ ଅଞ୍ଚଳରେ ରହିଥିବା ବହୁ ସଂଖ୍ୟକ ବସ୍ତି ଅଞ୍ଚଳରେ ଲକ୍ଷ ଲକ୍ଷ ପରିବାର ବସବାସ କରନ୍ତି ଏବଂ ଏହି ବସ୍ତିମାନଙ୍କର ଅବସ୍ଥା ଅତୀବ ଦୟନୀୟ । ବସ୍ତିଗୁଡ଼ିକ ଯୋଜନାହୀନ ଭାବେ ଏବଂ ଖୁନ୍ଦାଖୁନ୍ଦି ହୋଇ ଗଢ଼ି ଉଠିଥିବାରୁ ଏଠାରେ ନାଗରିକ ସଂସ୍ଥାମାନଙ୍କ ଦ୍ୱାରା ମୌଳିକ ସୁବିଧାସୁଯୋଗ ଯଥା ପିଇବା ପାଣି, ବିଦ୍ୟୁତ ଯୋଗାଣ, ରାସ୍ତା, ଜଳ ନିଷ୍କାସନ ବ୍ୟବସ୍ଥା ଆଦି ଯୋଗାଇବା ସମ୍ଭବ ହୋଇ ପାରୁନାହିଁ । ଉପକୂଳ ଅଞ୍ଚଳରେ ରହିଥିବା ବସ୍ତିଗୁଡ଼ିକ ଝଡ଼, ବାତ୍ୟା, ସୁନାମି ଆଦି ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। କାରଣ ଏସବୁ ବିପର୍ଯ୍ୟୟବେଳେ ଉଦ୍ଧାର, ରିଲିଫ ଓ ସ୍ଥାନାନ୍ତରଣ କରିବା କଷ୍ଟକର ହୋଇଥାଏ ।

୨. ବସ୍ତିବାସିନ୍ଦାଙ୍କ ନିରାପଦ ଓ ସ୍ୱଚ୍ଛଳ ଜୀବନଯାପନ ପାଇଁ ରାଜ୍ୟ ସରକାର ଏହି ଅଧିସୂଚନା ଜାରି ହେବା ତାରିଖରେ ଚିହ୍ନଟ କରାଯାଇଥିବା ବସ୍ତି ପୁନଃବିକାଶ ଯୋଜନା କାର୍ଯ୍ୟକାରୀ କରିପାରିବେ । ଏହାକୁ ପ୍ରତ୍ୟକ୍ଷ ଭାବେ ବା ଅନ୍ୟାନ୍ୟ ଅର୍ଦ୍ଧ ସରକାରୀ ସଂସ୍ଥା ଯଥା ମହାରାଷ୍ଟ୍ର ଗୃହ ଏବଂ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (MHADA), ଶିବଶାହି ପୁନର୍ବାସନ ପ୍ରକଳ୍ପ ଲିମିଟେଡ୍ (SPPL), ମୁମ୍ବାଇ ମେଟ୍ରୋପଲିଟାନ ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷ (MMRDA) ବା ଏହିପରି ଅନ୍ୟ ଅର୍ଦ୍ଧ ସରକାରୀ ସଂସ୍ଥା ସାହାଯ୍ୟରେ କରାଇ ପାରିବେ ।

ଏଥିପାଇଁ ସର୍ତ୍ତମାନ ହେଲା :

(କ) ଏହି ପୁନଃବିକାଶ ଯୋଜନା ପ୍ରତ୍ୟକ୍ଷ ଭାବେ ବା ମିଳିତ ଉଦ୍ୟମରେ ବା ସରକାରୀ-ବେସରକାରୀ ଭାଗିଦାରିତା ଭିତ୍ତିରେ ବା ଏହିପରି ଅନ୍ୟାନ୍ୟ ଢଙ୍ଗରେ କରାଯିବ, ଯେପରି ଏଥିରେ ରାଜ୍ୟ ସରକାର ବା ତାଙ୍କର ଅନ୍ୟ ସରକାରୀ ସଂସ୍ଥାର ଅଂଶ ଶତକଡ଼ା ୫୧ ଭାଗରୁ କମ୍ ହେବ ନାହିଁ।

(ଖ) ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯିବା ତାରିଖରେ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମାନୁଯାୟୀ ରହିଥିବା ଚଟାଣ ଆୟତନ ମାନ ବା ଚଟାଣ ଆୟତନ ଅନୁପାତ ଅନୁସାରେ ପୁନଃବିକାଶ ଯୋଜନା ପ୍ରସ୍ତୁତ ହେବ ।

(ଗ) ପୁନଃବିକାଶ ପ୍ରକଳ୍ପ ପ୍ରସ୍ତାବକଙ୍କ ଏହା କର୍ତ୍ତବ୍ୟ ହେବ ଯେ ଉପରଲିଖିତ ପରିଚ୍ଛେଦ ୨ (କ) ଅନୁଯାୟୀ ରାଜ୍ୟ ସରକାରଙ୍କ ସହ ମିଶି ଏକଥା ନିଶ୍ଚିତ କରିବାକୁ ପଡ଼ିବ ଯେ ଆଇନଗତ ଭାବେ ନିୟମିତ ହୋଇଥିବା ସମସ୍ତ ରୟତଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁସାରେ ସେହିଠାରେ ବାସଗୃହ ଯୋଗାଇ ଦିଆଯିବ ।

(୩) ଜରାଜୀର୍ଣ୍ଣ, ଭଗ୍ନ ଏବଂ ଅସୁରକ୍ଷିତ କୋଠାବାଡ଼ିମାନଙ୍କର ପୁନଃବିକାଶ

୧. ବୃହତ ମୁମ୍ବାଇର ସିଆର୍ ଜେଡ୍ ଅଞ୍ଚଳରେ ବହୁ ସଂଖ୍ୟକ ପୁରାତନ ଏବଂ ଜରାଜୀର୍ଣ୍ଣ, ଭଗ୍ନ ଓ ବିପଦପୂର୍ଣ୍ଣ କୋଠାବାଡ଼ି ରହିଛି । ବହୁ ବର୍ଷର ହୋଇଥିବାରୁ ଏଗୁଡ଼ିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ଏହି ସବୁ ଚିହ୍ନିତ କୋଠାବାଡ଼ିମାନଙ୍କର ପୁନଃ ନିର୍ମାଣ ଓ ପୁନଃ ବିକାଶ ନିମନ୍ତେ ଜରୁରୀ ଆବଶ୍ୟକତା ରହିଛି ।

୨. ନିମ୍ନଲିଖିତ ସର୍ତ୍ତ ଓ ସୁରକ୍ଷାବଳୀ ସହିତ ଏହି ପ୍ରକଳ୍ପମାନ କରାଯିବ :

(କ) ଏହି ଅଧିସୂଚନା ଜାରି ହେବା ତାରିଖରେ ଚିହ୍ନଟ କରାଯାଇଥିବା ପୁନଃବିକାଶ ବା ପୁନଃନିର୍ମାଣ ପ୍ରକଳ୍ପକୁ ଅନୁମତି ପ୍ରଦାନ କରାଯିବ । ପ୍ରଚଳିତ ନିୟମ ଅନୁସାରେ ଏହି ଗୃହମାନଙ୍କର ମାଲିକ ନିଜେ ବା ବେସରକାରୀ ବିଲଡର୍ଙ୍କ ସହିତ ମିଶି ପ୍ରତ୍ୟକ୍ଷ ଭାବେ, ମିଳିତ ଭାବେ ବା ସେହିପରି ଢଙ୍ଗରେ କାର୍ଯ୍ୟ କରିବେ ।

(ଖ) ପୁନଃବିକାଶ ପ୍ରକଳ୍ପ ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁରୀ ପାଇବା ଦିନ ପ୍ରଚଳିତ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁସାରେ ଚଟାଣ ଆୟତନ ମାନ ଓ ଚଟାଣ ଆୟତନ ଅନୁପାତ ଅନୁଯାୟୀ କରାଯିବ ।

(ଗ) ପୁନଃବିକାଶ ଓ ପୁନଃନିର୍ମାଣ ସମୟରେ ପ୍ରକଳ୍ପ ପ୍ରସ୍ତାବକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବାସଗୃହର ପ୍ରକୃତ ରୟତମାନଙ୍କୁ ଉପଯୁକ୍ତ ସ୍ଥାନରେ ରଖିବାର ବ୍ୟବସ୍ଥା କରାଯିବ । ଉପର ଲିଖିତ ପରିଚ୍ଛେଦ ୨ (କ) ଅନୁସାରେ ପୁନଃ ବିକାଶ କାର୍ଯ୍ୟ କରାଯିବ ।

(୪) ଏହି ଅଧିସୂଚନାରେ ଯାହା ଥାଉନା କାହିଁକି, ଉପରଲିଖିତ ପରିଚ୍ଛେଦ (୨) ଏବଂ (୩) ରେ ଦର୍ଶାଯାଇଥିବା ବସ୍ତି ଅଞ୍ଚଳ ଏବଂ ଜରାଜୀର୍ଣ୍ଣ, ଭଗ୍ନ ଓ ଅସୁରକ୍ଷିତ କୋଠାବାଡ଼ିମାନଙ୍କର ପୁନଃବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ପ୍ରସ୍ତାବକଙ୍କ ଦ୍ୱାରା ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଢଙ୍ଗରେ କରାଯିବ । ଆବଶ୍ୟକ ସ୍ଥଳେ ନିମ୍ନଲିଖିତ ପ୍ରାକ୍ ସର୍ତ୍ତ ଲାଗୁହେବ ।

୧. (କ) ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ମଞ୍ଜୁରୀ ପ୍ରାପ୍ତ ସମସ୍ତ ପ୍ରକଳ୍ପର ପୁନଃ ବିକାଶ ଓ ପୁନଃ ନିର୍ମାଣ ପାଇଁ ସୂଚନା ଅଧିକାର ଆଇନ, ୨୦୦୫ ଲାଗୁ ହେବ ।

(ଖ) ମହାରାଷ୍ଟ୍ର ସରକାରଙ୍କ ସହିତ ବିଚାରବିମର୍ଷ କରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉପଯୁକ୍ତ ପଦର ଅଧିକାରୀଙ୍କୁ ନେଇ ପ୍ରଥମ ଆପିଲେଟ କର୍ତ୍ତୃପକ୍ଷ ଓ ସିପିଆଇଓ (CPIO) ଗଠନ କରି ଆଦେଶ ପ୍ରଦାନ କରିବେ ।

(ଗ) ସୂଚନା ଅଧିକାର ଆଇନ, ୨୦୦୫ ର ସେକ୍ସନ-୪ ର ଆବଶ୍ୟକତା ଅନୁଯାୟୀ ମହାରାଷ୍ଟ୍ର ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷ ମଞ୍ଜୁରୀ ପ୍ରଦାନର ଏକ ମାସ ପୂର୍ବରୁ ବସ୍ତି ଥଇଥାନ ଯୋଜନାର ବିଶଦ ତଥ୍ୟ, ଯଥା ସଂପୂର୍ଣ୍ଣ ପ୍ରସ୍ତାବ ଏବଂ ଯୋଗ୍ୟ ବିବେଚିତ ବସ୍ତିବାସିନ୍ଦାଙ୍କ ନାମ ସ୍ୱତଃପ୍ରବୃତ୍ତ ଭାବେ ଘୋଷଣା କରିବେ ।

(ଘ) ରାଜ୍ୟ ସରକାରଙ୍କ କାର୍ଯ୍ୟ କରୁଥିବା ବା କାର୍ଯ୍ୟନିର୍ବାହୀ ସଂସ୍ଥା ଉପପରିଚ୍ଛେଦ ୫ ର ତାଲିକା (ଗ) ର (୧) ଓ (୨) ରେ ଦର୍ଶାଯାଇଥିବା ପ୍ରକଳ୍ପମାନଙ୍କ ପାଇଁ ଯୋଗ୍ୟ ବିବେଚିତ ବିଲ୍ଡରଙ୍କ ନାମ, ତିଆରି କରାଯାଉଥିବା ମୋଟ ଗୃହ ସଂଖ୍ୟା, ଯୋଗ୍ୟ ବିବେଚିତ ବସ୍ତିବାସିନ୍ଦାଙ୍କ ନାମ, ଯାହାଙ୍କୁ

ବାସଗୃହ ଯୋଗାଇ ଦିଆଯାଇଛି ଏବଂ ଖୋଲାରେ ବିକ୍ରି କରିବା ପାଇଁ ରହିଥିବା ବଳକା ସ୍ଥାନ ଆଦି ବିଷୟ ଗୋଟିଏ ବଡ଼ ନୋଟିସ ବୋର୍ଡ଼ରେ ଲେଖି କାର୍ଯ୍ୟ ହେଉଥିବା ସ୍ଥାନ ଏବଂ କାର୍ଯ୍ୟ କରୁଥିବା ସଂସ୍ଥା ବା କାର୍ଯ୍ୟ ନିର୍ବାହୀ ସଂସ୍ଥାଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ କରିବେ ।

(ଙ) ଉପ ପରିଚ୍ଛେଦ ୫ ର ତାଲିକା (ଗ)ର ଉପ-ତାଲିକା (୨) ଓ (୩) ଅନ୍ତର୍ଗତ ପ୍ରକଳ୍ପର ବିକାଶ କ୍ଷେତ୍ରରେ ଯଦି ପ୍ରକଳ୍ପ ପ୍ରସ୍ତାବକ ସୂଚନା ଅଧିକାର ଆଇନ, ୨୦୦୫ ଅଧିନରେ ଆସିବାକୁ ରାଜି ହୁଅନ୍ତି, ତେବେ ଅନୁମତି ପ୍ରଦାନ କରାଯିବ ।

୨. ଜରାଜୀର୍ଣ୍ଣ, ଭଗ୍ନ ଓ ଅସୁରକ୍ଷିତ କୋଠାବାଡ଼ିର ପୁନଃ ବିକାଶ ସମ୍ପର୍କିତ ପ୍ରକଳ୍ପର ଅର୍ଥନୈତିକ ଦିଗ ଓ ନିର୍ମାଣ କାର୍ଯ୍ୟର ଅଡିଟ୍ କରିବା ନିମନ୍ତେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ (CAG)ଙ୍କ ଦ୍ୱାରା ତାଲିକାଭୁକ୍ତ ଅଡିଟର ନିଯୁକ୍ତ କରାଯିବ । ବସ୍ତି ଥଇଥାନ ଯୋଜନା ସମ୍ପର୍କିତ ପ୍ରକଳ୍ପର ଅଡ଼ିଟ କାର୍ଯ୍ୟ କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲଙ୍କ ଦ୍ୱାରା କରାଯିବ ।

୩. ପରିଚ୍ଛେଦ ୫ (ଗ) ର (୨) ଓ (୩) ରେ ଦର୍ଶାଯାଇଥିବା ବିଷୟମାନଙ୍କର କାର୍ଯ୍ୟକାରିତା ନେଇ ମଝିରେ ମଝିରେ ସମୀକ୍ଷା କରିବା ନିମନ୍ତେ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରାଯିବ। ଏଥିରେ ସଂପୃକ୍ତ ବିଭିନ୍ନ ପକ୍ଷମାନଙ୍କର ବିଶିଷ୍ଟ ପ୍ରତିନିଧି, ଯଥା ସ୍ଥପତି, ସହରାଞ୍ଚଳ ଯୋଜନାକାରୀ, ଯନ୍ତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିଙ୍କ ସମେତ ସ୍ଥାନୀୟ ପୌରାଞ୍ଚଳ, ରାଜ୍ୟସରକାର ଓ କେନ୍ଦ୍ର ସରକାରଙ୍କ ପ୍ରତିନିଧି ସ୍ଥାନ ପାଇବେ ।

୪. ପରିଚ୍ଛେଦ ୫ (ଗ)ର (୨) ଓ (୩) ଅନ୍ତର୍ଗତ ବ୍ୟକ୍ତିଗତ ପ୍ରକଳ୍ପକୁ ସର୍ବସାଧାରଣ ଶୁଣାଣି ପରେ ଆରମ୍ଭ କରାଯିବ । ପରିବେଶ ପ୍ରଭାବ ଆକଳନ ଅଧିସୂଚନା, ୨୦୦୬ରେ ଦର୍ଶାଯାଇଥିବା ପ୍ରକ୍ରିୟା ଅନୁସାରେ ଆଇନସମ୍ମତ ବସ୍ତିବାସିନ୍ଦା ଅଥବା ଜରାଜୀର୍ଣ୍ଣ ବା ଭଗ୍ନ ଗୃହର ଆଇନସମ୍ମତ ରୟତଙ୍କ ମତାମତକୁ ଏହି ଶୁଣାଣିରେ ଗ୍ରହଣ କରାଯିବ ।

(୫) ବୃହତ ମୁମ୍ବାଇର "ସବୁଜ ଫୁସ୍‌ଫୁସ୍"କୁ ସୁରକ୍ଷିତ କରିବା ଓ ସଂରକ୍ଷଣ କରିବା ନିମନ୍ତେ ସିଆର୍‌ଜେଡ୍-୨ ବିକାଶ ଯୋଜନାରେ ଦର୍ଶାଯାଇଥିବା ସମସ୍ତ ଖୋଲା ସ୍ଥାନ, ପାର୍କ, ବଗିଚା, ଖେଳପଡ଼ିଆ ଆଦିକୁ ସିଆର୍‌ଜେଡ୍-୩ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯିବ । ଅର୍ଥାତ୍ ଏହା ବିକାଶ ନିଷିଦ୍ଧ ଅଞ୍ଚଳ ହେବ ।

(୬) ନାଗରିକ ସୁବିଧା, ଚିତ୍ତ ବିନୋଦନ ପାଇଁ ଷ୍ଟାଡିଅମ୍ ବା ଜିମ୍‌ନାସିୟମ୍ ବା କ୍ରୀଡ଼ା ସମ୍ପର୍କିତ କାର୍ଯ୍ୟ କରିବା ନିମନ୍ତେ ଶତକଡ଼ା ୧୫ ଭାଗ ପର୍ଯ୍ୟନ୍ତ ଚଟାଣ ଆୟତନ ମାନ ପାଇଁ ଅନୁମତି ପ୍ରଦାନ କରାଯିବ । ଏହି ସ୍ଥାନରେ ବାସଗୃହ ବା ବ୍ୟବସାୟିକ ବ୍ୟବହାରକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

(୭) ମହାରାଷ୍ଟ୍ର ସରକାରଙ୍କ ୧୯୮୧ ର ବିକାଶ ଯୋଜନା ବା ଉପଯୁକ୍ତ ରେକର୍ଡ଼ରେ ଚିହ୍ନଟ କରାଯାଇଥିବା କୋଲିୱାଡା ନାମକ ମତ୍ସ୍ୟ ସଂଗ୍ରହ ଅଞ୍ଚଳର ମାନଚିତ୍ର ପ୍ରସ୍ତୁତ କରାଯାଇ ସି ଆର୍ ଜେଡ୍-୩ ଅଞ୍ଚଳ ଘୋଷଣା କରାଯିବ । ତେଣୁ ଏହି ଅଞ୍ଚଳରେ ବାସଗୃହର ନିର୍ମାଣ ଓ ପୁନଃନିର୍ମାଣ ସମେତ କୌଣସି ବିକାଶ କାର୍ଯ୍ୟ ସ୍ଥାନୀୟ ସହରାଞ୍ଚଳ ବା ଗ୍ରାମାଞ୍ଚଳ ପ୍ଲାନିଂ ନିୟମ ଅନୁସାରେ କରାଯିବ ।

(ଟ) ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ସ୍ଥାନୀୟ ଗୋଷ୍ଠୀ ବା ମତ୍ସ୍ୟଜୀବୀଙ୍କ ବାସଗୃହ ପୁନଃନିର୍ମାଣ ଏବଂ ମରାମତି କରିବା ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସହରାଞ୍ଚଳ ବା ଗ୍ରାମାଞ୍ଚଳର ପ୍ଲାନିଂ ନିୟମ ଅନୁସାରେ ପ୍ରାଥମିକତା ଭିତ୍ତିରେ ବିଚାର କରି ମଞ୍ଜୁରୀ ପ୍ରଦାନ କରାଯିବ ।

୨. କେରଳ ପାଇଁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ

କେରଳ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଆବଦ୍ଧ ଜଳ (backwater) ଓ ଆବଦ୍ଧ ଜଳରେ ରହିଥିବା ଦ୍ୱୀପପୁଞ୍ଜ ଓ ସ୍ଥାନାଭାବ ଫଳରେ ଉପକୂଳ ଅଞ୍ଚଳ ବିଚିତ୍ରତା ଯୋଗୁଁ ସିଆର୍‌ଜେଡ୍‌ ଅଞ୍ଚଳରେ କାର୍ଯ୍ୟମାନଙ୍କ ନିମ୍ନମତେ ନିୟନ୍ତ୍ରଣ କରାଯିବ ।

(କ) କେରଳର ଆବଦ୍ଧ ଜଳ ସ୍ଥାନରେ ଥିବା ସମସ୍ତ ଦ୍ୱୀପ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନାର ଅନ୍ତଭୁକ୍ତ ହେବ;

(ଖ) ଉଚ୍ଚ ଜୁଆର ରେଖାଠାରୁ ସ୍ଥଳ ଭାଗ ଆଡ଼କୁ ୫୦ ମିଟର ପର୍ଯ୍ୟନ୍ତ ଥିବା ଆବଦ୍ଧ ଜଳର ଦ୍ୱୀପମାନଙ୍କୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳର ଅନ୍ତର୍ଭୁକ୍ତ କରାଯିବ ;

(ଗ) ଉଚ୍ଚ ଜୁଆର ରେଖାଠାରୁ ୫୦ ମିଟର ଦୂରତା ମଧରେ ଏହି ଦ୍ୱୀପମାନଙ୍କରେ ବସବାସ କରୁଥିବା ସ୍ଥାନୀୟ ଅଧିବାସୀମାନଙ୍କର ଘର ମରାମତି ବା ପୁନଃନିର୍ମାଣ କରାଯାଇ ପାରିବ । କୌଣସି ନୂତନ ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ;

(ଘ) ଉଚ୍ଚ ଜୁଆର ରେଖା ଠାରୁ ସ୍ଥଳଭାଗ ଆଡ଼କୁ ୫୦ ମିଟର ଦୂରତା ବାହାରେ ଥିବା ସ୍ଥାନୀୟ ବାସିନ୍ଦାମାନଙ୍କର ଗୃହ ନିର୍ମାଣ କରାଯାଇପାରିବ । ଏଥିପାଇଁ ସ୍ଥାନୀୟ ପଞ୍ଚାୟତଠାରୁ ଅନୁମତି ନେବାକୁ ହେବ;

(ଙ) ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳର କାର୍ଯ୍ୟକ୍ରମ ଯଥା ମାଛଧରା ଜେଟି ନିର୍ମାଣ, ମାଛ ଶୁଖାଇବା ପ୍ରାଙ୍ଗଣ, ଜାଲ ମରାମତି ପ୍ରାଙ୍ଗଣ, ପାରମ୍ପରିକ ପଦ୍ଧତିରେ ମତ୍ସ୍ୟ ପ୍ରକ୍ରିୟାକରଣ, ଡଙ୍ଗା ନିର୍ମାଣ ତଥା ମରାମତି ସ୍ଥାନ, ବରଫ କଳ ଆଦି ଉଚ୍ଚ ଜୁଆର ରେଖାର ୫୦ ମିଟର ମଧରେ କରାଯାଇ ପାରିବ ।

୩. ଗୋଆର ଉପକୂଳ ନିୟନ୍ତ୍ରଣ ମଣ୍ଡଳ

ଗୋଆର ସ୍ୱତନ୍ତ୍ର ଅବସ୍ଥା, ଏହାର ଇତିହାସ ଓ ଅନ୍ୟାନ୍ୟ ବିକାଶ ଦୃଷ୍ଟିରୁ ଏଠାରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ନିମ୍ନମତେ ନିୟନ୍ତ୍ରଣ କରାଯିବ ଓ ବିଭିନ୍ନ ପଦକ୍ଷେପ ନିଆଯିବ ।

(କ) ଗୋଆ ସରକାରଙ୍କ ତରଫରୁ ଉପକୂଳରେ ଥିବା ସମସ୍ତ ମତ୍ସ୍ୟଜୀବୀ ଗ୍ରାମର ନାମ ପ୍ରକାଶ କରାଯିବ, ଯେଉଁଠାରେ ମତ୍ସ୍ୟଜୀବୀଙ୍କ ନିମନ୍ତେ ଆବଶ୍ୟକ ହେଉଥିବା ସୁବିଧାସୁଯୋଗ ଯଥା ପାରମ୍ପରିକ ପଦ୍ଧତରେ ମତ୍ସ୍ୟ ପ୍ରକ୍ରିୟାକରଣ, ଡଙ୍ଗା ନିର୍ମାଣ ତଥା ମରାମତି ସ୍ଥାନ, ଜାଲ ମରାମତି ପ୍ରାଙ୍ଗଣ, ବରଫ ଗୃହ, ନିଲାମି ଗୃହ ଏବଂ ଜେଟି ନିର୍ମାଣ ପାଇଁ ସିଆର୍‌ଜେଡ୍‌ ଅଞ୍ଚଳରେ ଥିବା ଗ୍ରାମ ପଞ୍ଚାୟତ ଦ୍ୱାରା ଅନୁମତି ପ୍ରଦାନ କରାଯାଇ ପାରିବ ;

(ଖ) ଉପକୂଳ ନିୟନ୍ତ୍ରଣ ମଣ୍ଡଳରେ ସ୍ଥାନୀୟ ବାସିନ୍ଦା ଓ ମତ୍ସ୍ୟଜୀବୀଙ୍କ ପାଇଁ ଗୃହର ମରାମତି ଓ ପୁନଃ ନିର୍ମାଣ କାର୍ଯ୍ୟ ନିମନ୍ତେ ଅନୁମତି ପ୍ରଦାନ କରାଯାଇପାରିବ ;

(ଗ) ସେପ୍ଟେମ୍ବର ମାସରୁ ମେ ମାସ ମଧରେ ସମ୍ପୂର୍ଣ୍ଣ ଅସ୍ଥାୟୀ ଓ ଋତୁକାଳୀନ ନିର୍ମାଣ କାର୍ଯ୍ୟ କରାଯାଇପାରିବ ;

(ଘ) ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଜୁଆର ଦ୍ୱାରା ପ୍ରଭାବିତ ଖାଲୁଆ ଅଞ୍ଚଳ ବା ଖଜାନ ଜମିର ନକ୍ସା ପ୍ରସ୍ତୁତ କରାଯିବ;

(ଙ) ଖଜାନ ଜମି ନିକଟରେ ଥିବା ହେନ୍ତାଳ ବଣର ସୁରକ୍ଷା କରିବା ସହିତ ଖଜାନ ଜମି ପରିଚାଳନା ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବାକୁ ହେବ । ଖଜାନ ଜମିରେ କୌଣସି ବିକାଶମୂଳକ କାର୍ଯ୍ୟ ପାଇଁ ଅନୁମତି ଦିଆଯିବ ନାହିଁ;

(ଚ) ସମୁଦ୍ର ଉପକୂଳ, ହ୍ରଦ ଓ ଜଳାଶୟ ନିକଟରେ ଥିବା ବାଲୁକାସ୍ତୁପ ଓ ବେଳାଭୂମି ଅଞ୍ଚଳର ସର୍ଭେ କରି ନକ୍ସା ପ୍ରସ୍ତୁତ କରାଯିବ । ଏହି ବାଲୁକା ସ୍ତୁପ ଅଞ୍ଚଳରେ କୌଣସି କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯିବ ନାହିଁ ;

(ଛ) ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ ଅନୁସାରେ ମୋରଜିମ, ଗାଲଜିବା ଏବଂ ଆଗୋଣ୍ଡା ବେଳାଭୂମିକୁ କଇଁଛ ପ୍ରଜନନ ସ୍ଥାନ ଭାବେ ଚିହ୍ନଟ କରାଯାଇ ଥିବାରୁ ଏହାକୁ ସୁରକ୍ଷିତ ରଖିବା ଦରକାର । ଏହି ବେଳାଭୂମିକୁ ସର୍ଭେ କରି କଇଁଛମାନଙ୍କର ସୁରକ୍ଷା ନିମନ୍ତେ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯିବ ;

(ଜ) ଏହି କଇଁଛ ପ୍ରଜନନ ଅଞ୍ଚଳରେ ଉପପରିଚ୍ଛେଦ (ଛ) ଅନୁସାରେ କୌଣସି ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଅନୁମତି ଦିଆଯିବ ନାହିଁ ।

୪. (୧) ସୁନ୍ଦରବନ ଓ ପରିବେଶ ଦୃଷ୍ଟିରୁ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବା ସଙ୍କଟାପନ୍ନ ବିପଦଗ୍ରସ୍ତ ଉପକୂଳ ଅଞ୍ଚଳ (CVCA)କୁ ମତ୍ସ୍ୟଜୀବୀଙ୍କ ସମେତ ଉପକୂଳ ଅଞ୍ଚଳର ସ୍ଥାନୀୟ ଗୋଷ୍ଠୀଙ୍କୁ ସାମିଲ କରି ପରିଚାଳନା କରାଯିବ ।

(୨) ସମଗ୍ର ସୁନ୍ଦରବନ ଜୈବମଣ୍ଡଳ ଏବଂ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅନ୍ୟାନ୍ୟ ଅଞ୍ଚଳ ଯଥା ଗୁଜୁରାଟର ଖମ୍ଭାଟ ଏବଂ କଚ୍ଛ, ମହାରାଷ୍ଟ୍ରର ମାଲବଣ ଏବଂ ଆଚ୍ରା-ରତ୍ନଗିରି, କର୍ଣ୍ଣାଟକର କାରୱାର ଓ କୋଣ୍ଡାପୁର, କେରଳର ଭେମ୍ବନାଡ଼, ତାମିଲନାଡୁର ମାନ୍ନାର, ଓଡ଼ିଶାର ଭିତରକନିକା ଏବଂ ଆନ୍ଧ୍ରପ୍ରଦେଶର କରିଙ୍ଗା, ପୂର୍ବ ଗୋଦାବରୀ ଓ କ୍ରୀଷ୍ଣା ଅଞ୍ଚଳକୁ ସଙ୍କଟାପନ୍ନ ବିପଦଜ୍ଜନକ ଉପକୂଳ ଅଞ୍ଚଳ ଭାବେ ଘୋଷଣା କରାଯିବ । ସେସବୁ ଅଞ୍ଚଳରେ ବସବାସ କରୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ, ଅନ୍ୟାନ୍ୟ ଗୋଷ୍ଠୀ ଏବଂ ଏହାର ସମ୍ବଳ ଉପରେ ନିର୍ଭର କରି ଜୀବିକାର୍ଜନ କରୁଥିବା ଲୋକମାନଙ୍କ ସହିତ ବିଚାରବିମର୍ଷ କରି ଉପକୂଳବର୍ତ୍ତୀ ସମ୍ବଳ ଓ ଜୀବଜଗତର ସଂରକ୍ଷଣ ଏବଂ ଚିରନ୍ତନ ବ୍ୟବହାର ଉଦ୍ଦେଶ୍ୟରେ କାର୍ଯ୍ୟ କରାଯିବ ।

(୩) ବିଭିନ୍ନ ପକ୍ଷ ଯଥା ରାଜ୍ୟ ସରକାର, ଉପକୂଳ ଅଞ୍ଚଳର ସ୍ଥାନୀୟ ଗୋଷ୍ଠୀ, ମତ୍ସ୍ୟଜୀବୀ ଏବଂ ସେ ଅଞ୍ଚଳରେ ବସବାସ କରୁଥିବା ଅନ୍ୟାନ୍ୟ ଲୋକଙ୍କ ସହ ବିଚାର ଆଲୋଚନା କରି ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏକ ନିର୍ଦ୍ଦେଶାବଳୀର ବିକାଶ କରିବେ. ଯେଉଁଥିରେ ସଙ୍କଟାପନ୍ନ ବିପଦସଙ୍କୁଳ ଉପକୂଳ ଅଞ୍ଚଳ (CVCA)ର ଚିହ୍ନଟୀକରଣ, ଯୋଜନା ପ୍ରସ୍ତୁତି ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ବିଶଦ ଭାବେ ରହିଥିବ ।

(୪) ଏହି ସଙ୍କଟାପନ୍ନ ବିପଦସଙ୍କୁଳ ଉପକୂଳ ଅଞ୍ଚଳ (CVCA) ପାଇଁ ପ୍ରସ୍ତୁତ କରାଯାଇଥିବା ସମନ୍ୱିତ ପରିଚାଳନା ଯୋଜନା (IMP) ମାଧମରେ ହେନ୍ତାଳବଣର ସଂରକ୍ଷଣ ଓ ପରିଚାଳନା, ସ୍ଥାନୀୟ ଗୋଷ୍ଠୀମାନଙ୍କ ଆବଶ୍ୟକତା ଯଥା ଡାକ୍ତରଖାନା, ବିଦ୍ୟାଳୟ, ସର୍ବସାଧାରଣ ବର୍ଷା

ଆଶ୍ରୟସ୍ଥଳ, ଗୋଷ୍ଠୀ ଶୌଚାଳୟ, ସେତୁ, ରାସ୍ତା, ଜେଟି, ଜଳଯୋଗାଣ, ଜଳ ନିଷ୍କାସନ, ନର୍ଦ୍ଦମା ପାଣି ନିଷ୍କାସନ, ସମୁଦ୍ର ଜଳ ପତ୍ତନ ବୃଦ୍ଧିର ପ୍ରଭାବ ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଦୃଷ୍ଟି ଦିଆଯିବ । ଉପକୂଳ ମଣ୍ଡଳ ନିୟନ୍ତ୍ରଣ ଯୋଜନା ପ୍ରସ୍ତୁତି ପାଇଁ ଉପର ବର୍ଣ୍ଣିତ ପରିଚ୍ଛେଦ ୫ ଅନୁସାରେ ସମନ୍ୱିତ ପରିଚାଳନା ଯୋଜନାମାନ (**IMPs**) ପ୍ରସ୍ତୁତ କରାଯିବ ।

(୫) ସମନ୍ୱିତ ପରିଚାଳନା ଯୋଜନା ଅନୁମୋଦିତ ହୋଇ ଅଧିସୂଚନା ଜାରି ହେବା ପର୍ଯ୍ୟନ୍ତ ପାରମ୍ପରିକ ବାସିନ୍ଦାମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଡାକ୍ତରଖାନା, ବିଦ୍ୟାଳୟ, ସର୍ବସାଧାରଣ ବର୍ଷା ଆଶ୍ରୟସ୍ଥଳ, ଗୋଷ୍ଠୀ ଶୌଚାଳୟ, ସେତୁ, ରାସ୍ତା, ଜେଟି, ଜଳଯୋଗାଣ, ଜଳ ନିଷ୍କାସନ ନର୍ଦ୍ଦମାପାଣି ନିଷ୍କାସନ ଆଦିକୁ ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀଙ୍କ ମତକୁ ଉପଯୁକ୍ତ ଗୁରୁତ୍ୱ ଦେଇ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ମଞ୍ଜୁରୀ ପ୍ରଦାନ କରିବେ ।

**[F.No.II-83/2005-IA -III]**

ଜେ.ଏମ୍. ମୌସ୍କାର୍, ଅତିରିକ୍ତ ସଚିବ

<u>ପରିଶିଷ୍ଟ- ୧</u>

## <u>ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ନିୟମାବଳୀ</u>

**I.** ଉଚ୍ଚ ଜୁଆର ରେଖା (HTL) ଚିହ୍ନଟକରଣ

୧. ଜାତୀୟ ଚିରନ୍ତନ ଉପକୂଳ ପରିଚାଳନା କେନ୍ଦ୍ର {National Centre for Sustainable Coastal Management (NCSCM)} ର ସୁପାରିଶ୍ ଆଧାରରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା ମଧ୍ୟରୁ କୌଣସି ଏକ ସଂସ୍ଥା ଦ୍ୱାରା ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା (HTL/LTL) ଚିହ୍ନଟ କରାଯିବ ।

୨. ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଚିହ୍ନଟ କରାଯାଇଥିବା ସଂସ୍ଥା ଦ୍ୱାରା ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରରେ ୧ : ୨୫,୦୦୦ ସ୍କେଲ୍‌ରେ ଉଚ୍ଚ ଜୁଆର ରେଖା ଓ ନିମ୍ନ ଜୁଆର ରେଖା ଚିହ୍ନଟ କରାଯିବ ।

୩. ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ଚିହ୍ନଟ ନିମିତ୍ତ ସ୍ଥାନୀୟ ସ୍ତରରେ ସରକାରୀ କର୍ମଚାରୀଙ୍କ ବ୍ୟବହାର ପାଇଁ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ପ୍ରସ୍ତୁତ ହେବ ।

୪. କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ଅନୁଯାୟୀ ଏବଂ ନିର୍ଦ୍ଧାରିତ ସ୍କେଲ ଅନୁଯାୟୀ ସ୍ଥାନୀୟ ସ୍ତରରେ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ପ୍ରସ୍ତୁତ ହେବ।

ଖ. ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ପ୍ରସ୍ତୁତି

୫. ସର୍ଭେ ଅଫ୍ ଇଣ୍ଡିଆ (SoI) ଠାରୁ ମୂଳ ମାନଚିତ୍ରର ୧:୨୫,୦୦୦ ସ୍କେଲ ସଂଗ୍ରହ କରାଯିବ। ଯେଉଁଥିରେ ୧:୨୫,୦୦୦ ମାନଚିତ୍ର ମିଳିପାରିବ ନାହିଁ. ସେଠାରେ ୧:୫୦,୦୦୦ ମାନଚିତ୍ରକୁ ବଢ଼ାଯାଇ ମୂଳ ମାନଚିତ୍ର ପ୍ରସ୍ତୁତି ଉଦ୍ଦେଶ୍ୟରେ ୧:୨୫,୦୦୦ ସ୍କେଲ ନିର୍ଦ୍ଧାରଣ କରାଯିବ । ଏହି ମାନଚିତ୍ରର ମାନ ନିର୍ଦ୍ଧାରଣ ସଂପର୍କରେ ନିମ୍ନରେ ବର୍ଣ୍ଣନା କରାଗଲା ।

| | | |
|---|---|---|
| ୟୁନିଟ୍ | : | ୭.୫ ମିନିଟ୍ ଘ ୭.୫ ମିନିଟ୍ |
| ନମ୍ବରିଂ | : | ସର୍ଭେ ଅଫ୍ ଇଣ୍ଡିଆର ସିଟ୍ ନମ୍ବରିଂ ବ୍ୟବସ୍ଥା |
| ଭୂସମାନ୍ତର (horizontal) ଡାଟମ୍ | : | ଏଭରେଷ୍ଟ କିମ୍ବା WGS ୮୪ |
| ଭୂଲମ୍ବ (vertical) ଡାଟମ୍ | : | ହାରାହାରି ସମୁଦ୍ର ଜଳ ପତନ (MSL) |
| ସ୍ଥଳାକୃତି (ଟପୋଗ୍ରାଫି) | : | ସର୍ଭେ ଅଫ୍ ଇଣ୍ଡିଆର ମାନଚିତ୍ର ସ୍ଥଳାକୃତିକୁ ଆଧୁନିକ ଉପଗ୍ରହ ଚିତ୍ର ବା ଆକାଶ ମାର୍ଗ ଫଟୋଗ୍ରାଫ୍ ଦ୍ୱାରା ଅଧୁନାତନ (Update) କରାଯିବ । |

୬. ମୂଳ ମାନଚିତ୍ରରେ ଚିହ୍ନଟ ହୋଇଥିବା ଉଚ୍ଚ ଜଳ ସ୍ତର (HWL) ଏବଂ ନିମ୍ନ ଜଳସ୍ତର (LWL) ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରକୁ ସ୍ଥାନାନ୍ତର କରାଯିବ ।

ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁଯାୟୀ (HTL/LTL)ର ସୀମା ମାପ ନିମନ୍ତେ ଉଚ୍ଚ ଜଳ ସ୍ତର (HWL) ବା ନିମ୍ନ ଜଳସ୍ତର (LWL) ରେ ଉପଯୁକ୍ତ ପରିବର୍ତ୍ତନ ଲାଗି ଭୂମି / ଉପଗ୍ରହ ଛବି / ଆକାଶ ମାର୍ଗର ଫଟୋ ଗୁଡ଼ିକରେ ଉପକୂଳ ଭୌଗୋଳିକ ଦସ୍ତଖତ ବ୍ୟବହାର କରାଯିବ ।

୮. ଉଚ୍ଚ ଜଳ ସ୍ତର (HWL) ବା ନିମ୍ନ ଜଳସ୍ତର (LWL) ସୀମା ମାପ ସମରେ ନିମ୍ନୋକ୍ତ ଭୌଗୋଳିକ ବିଷୟଗୁଡ଼ିକ ସମ୍ପର୍କରେ ବିଚାର କରାଯିବ ।

ବାଲୁକାମୟ ବେଳାଭୂମି କ୍ଷେତ୍ରରେ ସ୍ଥଳଭାଗ ଆଡ଼କୁ ବର୍ମ କ୍ରେଷ୍ଟ

ପଥୁରିଆ, ଉଚ୍ଚଭୂମି, ଦନ୍ତୁରିଆ ଅଞ୍ଚଳ

ସମୁଦ୍ର ପ୍ରାଚୀର ବା ବନ୍ଧ ବା ରିଭଟମେଣ୍ଟସ୍

୯. ଉଚ୍ଚ ଜୁଆର ରେଖା (HTL) ନିୟମ ଅନୁଯାୟୀ ୫୦୦ ମିଟର ଏବଂ ୨୦୦ ମିଟର ସୀମା ଚିହ୍ନଟ କରାଯିବ ।

୧୦. ଉଚ୍ଚ ଜୁଆର ରେଖା (ସି ଆର୍ ଜେଡ୍ ଅଧିସୂଚନା ଅନୁଯାୟୀ) ଏବଂ ନିମ୍ନ ଜୁଆର ରେଖା ଆଦି ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରରେ ଉଲ୍ଲେଖ ରହିବ । ଜୁଆର ଯୋଗୁଁ ଭୂଭାଗସ୍ଥ ଯେଉଁ ସବୁ ଜଳାଶୟ ଆଦି ପ୍ରଭାବିତ ହେବାକୁ ରହିଛି, ଭୌଗୋଳିକ ଚିହ୍ନ ସହିତ ତାହା ମଧ ଉଲ୍ଲେଖ କରାଯିବ ।

୧୧. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା ଅନୁଯାୟୀ ଉପକୂଳ ମଣ୍ଡଳର ଭିନ୍ନ ଭିନ୍ନ ବର୍ଗୀକରଣ କରାଯିବ ।

୧୨. ବିଭିନ୍ନ ଶ୍ରେଣୀର ତଥ୍ୟ ଦୃଷ୍ଟିଗୋଚର ହେବା ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ବ୍ୟବହାର କରାଯାଉଥିବା ପ୍ରାମାଣିକ ରଙ୍ଗର ସଂକେତ ବ୍ୟବହାର କରାଯିବ ।

ଗ. ସ୍ଥାନୀୟ ସ୍ତରରେ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର

ସ୍ଥାନୀୟ ପ୍ରଶାସନ ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଯେପରି ସୁବିଧାରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିପାରିବେ, ସେଥିପାଇଁ ସ୍ଥାନୀୟ ସ୍ତରରେ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ପ୍ରସ୍ତୁତ ହେବ ।

୧୩. ଗ୍ରାମ ମାନଚିତ୍ର ୧ : ୩୯୬୦ କିମ୍ବା ନିକଟତର ସ୍କେଲରେ ମୂଳ ମାନଚିତ୍ର ଭାବେ ବ୍ୟବହୃତ ହେବ ।

୧୪. ରାଜସ୍ୱ ଅଧିକାରୀଙ୍କ ନିକଟରେ ଏହି ସବୁ ମାନଚିତ୍ର ମିଳୁଛି ଏବଂ ଏସବୁ ଉପଯୁକ୍ତ ଗୁଣମାନ ଦୃଷ୍ଟିରୁ ପ୍ରସ୍ତୁତ ହୋଇଛି ।

୧୫. କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ର ଉପକୂଳର ଭୌଗୋଳିକ ସ୍ଥିତି ଆଧାରରେ ଗ୍ରାମ ମାନଚିତ୍ରରେ ଉଚ୍ଚ ଜୁଆର ରେଖା (ସି ଆର୍ ଜେଡ୍ ଅଧିସୂଚନା ଅନୁଯାୟୀ) ଏବଂ ନିମ୍ନ ଜୁଆର ରେଖା (LTL) ଚିହ୍ନଟ ହେବ । ଏଥିରେ ସମସ୍ତ ଭୌଗୋଳିକ ଅବସ୍ଥା ଦର୍ଶାଯିବ ।

୧୬. ଉଚ୍ଚ ଜୁଆର ରେଖା (HTL) ଚିହ୍ନଟ ଅନୁଯାୟୀ ୫୦୦ ମିଟର ଓ ୨୦୦ ମିଟର ରେଖା ଚିହ୍ନଟ କରାଯିବ।

୧୭. ଉଚ୍ଚ ଜୁଆର ରେଖା (ଉପକୂଳ ନିୟନ୍ତ୍ରଣ ଅଧିସୂଚନା, ୧୯୯୧ ଅନୁସାରେ) ଏବଂ ନିମ୍ନ ଜୁଆର ରେଖା ଚିହ୍ନଟ କାର୍ଯ୍ୟ, ଜୁଆର ଦ୍ୱାରା ପ୍ରଭାବିତ ହେବାକୁ ଥିବା ସ୍ଥଳ ଭାଗର ଜଳାଶୟ ଏବଂ ବନ୍ଧ ଆଦିର ଭୌଗୋଳିକ ଅବସ୍ଥା ସହାୟତାରେ କରାଯିବ ।

୧୮. ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରରୁ ସ୍ଥାନୀୟ ସ୍ତରରେ ଉପକୂଳ ମଣ୍ଡଳ ପରିଚାଳନା ମାନଚିତ୍ରକୁ ବିଭାଗୀକରଣ ସହ ସ୍ଥାନାନ୍ତର କରାଯିବ ।

୧୯. ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରରୁ ସଂକେତଗୁଡ଼ିକ ଗ୍ରହଣ କରାଯିବ ।

୨୦. ଉପକୂଳ ମଣ୍ଡଳ ପରିଚାଳନା (CZM) ମାନଚିତ୍ରରେ ପ୍ରଦତ୍ତ ରଙ୍ଗୀନ ସଙ୍କେତଗୁଡ଼ିକ ବ୍ୟବହୃତ ହେବ ।

୨୧. କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ସ୍ଥାନୀୟ ସଂସ୍ଥା ଦ୍ୱାରା ଗ୍ରାମ ମାନଚିତ୍ରର ଅଙ୍କନ କରାଯିବ । ସ୍ଥାନୀୟ ସଂସ୍ଥା ସଂପୃକ୍ତ ରାଜ୍ୟ ସରକାର ବା କେନ୍ଦ୍ର ଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା ସଂସ୍ଥାର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ ।

ଘ. କ୍ଷୟକ୍ଷତି ଆଶଙ୍କା ଆକଳନ

II ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଞ୍ଚଳରେ ଶ୍ରେଣୀ ବିଭାଗ ;

୧. ଉପକୂଳ ନିୟନ୍ତ୍ରଣ ମଣ୍ଡଳ ପରିଚାଳନା ଅଧିସୂଚନାର ଅନୁଚ୍ଛେଦ ୫ ଅନୁଯାୟୀ ଉପକୂଳ ମଣ୍ଡଳ ପରିଚାଳନା (CZM) ମାନିଚତ୍ର ପ୍ରସ୍ତୁତ ହେବ । ଏଥିରେ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ୧, ୨, ୩, ୪ ଓ ୫ ଚିହ୍ନଟ କରାଯିବ ।

୨. ଉପକୂଳ ମଣ୍ଡଳ ପରିଚାଳନା ମାନଚିତ୍ରରେ ସ୍ଥାନୀୟ ଜମି ବ୍ୟବହାର ଯୋଜନା ସଂପର୍କରେ ସ୍ପଷ୍ଟଭାବେ ଉଲ୍ଲେଖ ରହିବ ଏବଂ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ଅଞ୍ଚଳ ସମ୍ପର୍କରେ ଉଲ୍ଲେଖ ରହିବ । ପରିଚ୍ଛେଦ ୭ (କ) ଅ. ଏବଂ ଆ. ଅନୁସାରେ ତାଲିକାଭୁକ୍ତ ସମସ୍ତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ଅଞ୍ଚଳର ସ୍ପଷ୍ଟ ଉଲ୍ଲେଖ ରହିବ ଏବଂ ରଂଗୀନ ସଂକେତର ବ୍ୟବହାର କରାଯିବ, ଯାହାଫଳରେ କି ପ୍ରତ୍ୟେକ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ସ୍ପଷ୍ଟ ଭାବେ ଜାଣିହେବ ।

୩. ୧୦୦୦ ବର୍ଗ ମିଟରରୁ ଅଧିକ ହେନ୍ତାଳବଣକୁ ଲାଗିଥିବା ନିରପେକ୍ଷ ଅଞ୍ଚଳ ଏକ ଭିନ୍ନ ରଂଗରେ ପ୍ରଦର୍ଶିତ ହେବ, ଯାହାଫଳରେ କି ତାହା ହେନ୍ତାଳବଣ ଅଞ୍ଚଳରୁ ଭିନ୍ନ ବୋଲି ଜଣା ପଡ଼ିବ ।

୪. ସେହି ନିରପେକ୍ଷ ଅଞ୍ଚଳ, ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ଅଞ୍ଚଳ ଭାବେ ବର୍ଗୀକୃତ ହେବ ।

୫. ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ସ୍ଥିର ହେବାକୁ ଥିବା କ୍ଷୟକ୍ଷତି ରେଖାକୁ ଉପକୂଳ ମଣ୍ଡଳ ପରିଚାଳନା ମାନଚିତ୍ରରେ ୧:୨୫,୦୦୦ ସ୍କେଲ ଏବଂ କାଡାଷ୍ଟାଲ ସ୍କେଲ ମାନଚିତ୍ରରେ ଦର୍ଶାଯିବ ।

୬. ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୨ ଅଞ୍ଚଳ କହିଲେ ଯେଉଁ ସ୍ଥାନରେ ମୋଟ ୫୦ ଭାଗରୁ ଅଧିକ ପ୍ଲଟରେ ନିର୍ମାଣ କାର୍ଯ୍ୟ ସହିତ ଆଖିଦୃଶିଆ ବିକାଶ କାର୍ଯ୍ୟ ହୋଇସାରିଛି ।

୭. ସି ଆର୍ ଜେଡ୍ ଅଞ୍ଚଳରେ ଥିବା ମତ୍ସ୍ୟଜୀବୀଙ୍କ ଗ୍ରାମ, ମତ୍ସ୍ୟଜୀବୀ ସଂପ୍ରଦାୟର ସାଧାରଣ ସମ୍ପତ୍ତି, ମାଛଧରା ଜେଟି, ବରଫକଳ, ମାଛ ଶୁଖାଇବା ସ୍ଥାନ, ମାଛଧରା ପ୍ଲାଟଫର୍ମ ଅଥବା ସ୍ଥାନୀୟ ବାସିନ୍ଦା ଓ ମତ୍ସ୍ୟଜୀବୀଙ୍କ ପାଇଁ ରହିଥିବା ଭିତ୍ତିଭୂମି ସୁବିଧା ଯଥା ଚିକିତ୍ସା କେନ୍ଦ୍ର, ରାସ୍ତାଘାଟ, ବିଦ୍ୟାଳୟ ଇତ୍ୟାଦି ଗ୍ରାମ ମାନଚିତ୍ରରେ ଉଲ୍ଲେଖ ରହିବ । ମୌଳିକ ସେବା ପ୍ରଦାନ, ପରିମଳ ବ୍ୟବସ୍ଥା, ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସଂପ୍ରସାରଣ ତଥା ଅନ୍ୟ ଆବଶ୍ୟକତା ପୂରଣ ନିମନ୍ତେ ଉପକୂଳବର୍ତ୍ତୀ

ମତ୍ସ୍ୟଜୀବୀମାନଙ୍କ ପାଇଁ ଆବଶ୍ୟକ ହେଉଥିବା ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବେ ।

୮. ବିପଦରେଖା ଏବଂ ଏହାର ୫୦୦ ମିଟର ବା ୧୦୦ ମିଟର ଦୂରତା ମଧ୍ୟରେ ଥିବା ସ୍ଥାନ ବା ସ୍ଥଳଭାଗ ଆଡ଼କୁ ଥିବା ସଂକୀର୍ଣ୍ଣ କ୍ରିକ୍ ପ୍ରସ୍ଥ ମଧ୍ୟରେ ଉପର ବର୍ଣ୍ଣିତ କାର୍ଯ୍ୟଛଡ଼ା ଅନ୍ୟ କୌଣସି ବିକାଶମୂଳକ କାର୍ଯ୍ୟ କରାଯାଇ ପାରିବ ନାହିଁ । ସ୍ଥାନୀୟ ଗୋଷ୍ଠୀ ଓ ମତ୍ସ୍ୟଜୀବୀଙ୍କର ବାସଗୃହ ବିପଦରେଖାର ସମୁଦ୍ର ଦିଗକୁ ରହିଥିଲେ ଏହି ବାସଗୃହମାନଙ୍କୁ ସ୍ଥାନାନ୍ତର କରାଯିବ ନାହିଁ । ସ୍ଥାନୀୟ ଗୋଷ୍ଠୀମାନଙ୍କର ଏହି ବାସଗୃହମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

୯. ଯଦି ସି ଆର୍ ଜେଡ୍ ୪ ଅଞ୍ଚଳରେ ଥିବା ଜଳାଶୟଗୁଡ଼ିକ ସମୁଦ୍ର, ହ୍ରଦ, ଆବଦ୍ଧ ଜଳଅଞ୍ଚଳ, କ୍ରିକ୍, ମୁହାଣ, ଦନ୍ତୁରିତ ପଥ ଇତ୍ୟାଦି ହୋଇଥାଏ; ତେବେ ଏହି ଜଳ ଅଞ୍ଚଳଗୁଡ଼ିକୁ ସ୍ପଷ୍ଟ ରୂପେ ଚିହ୍ନଟ କରାଯିବ । ଜଳାଶୟ କ୍ଷେତ୍ରରେ ହେବାକୁ ଥିବା ଏହି ଶ୍ରେଣୀବିଭାଗ କାର୍ଯ୍ୟଲାଗି ନୌବାହିନୀ ହାଇଡ୍ରୋଗ୍ରାଫି କାର୍ଯ୍ୟାଳୟ ଦ୍ୱାରା ବ୍ୟବହୃତ ଶବ୍ଦାବଳୀକୁ ଭରସାଯୋଗ୍ୟ ଭାବେ ଗ୍ରହଣ କରାଯିବ ।

୧୦. ଜଳାଶୟ ମଧ୍ୟରେ ମାଛଧରା ଅଞ୍ଚଳ ଏବଂ ମତ୍ସ୍ୟ ପ୍ରଜନନ ଅଞ୍ଚଳ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବା ଆବଶ୍ୟକ ।

୧୧. ଜଳର ଗୁଣାତ୍ମକ ମାନ ଦୃଷ୍ଟିରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ପ୍ରଦୂଷଣ ସ୍ତର ଉଲ୍ଲେଖ କରାଯାଇ ଜଳ ଅଞ୍ଚଳ ସମ୍ପର୍କରେ ଚିହ୍ନଟ କରାଯିବ ।

୧୨. ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୫ ଅଞ୍ଚଳରେ ଜମି ବ୍ୟବହାର ମାନଚିତ୍ରକୁ ଉପକୂଳ ନିୟନ୍ତ୍ରଣ ମଣ୍ଡଳ ପରିଚାଳନା ଯୋଜନା ଉପରେ ଉଲ୍ଲେଖ କରାଯିବା ଆବଶ୍ୟକ । ଏଥିରେ ସିଆର୍‌ଜେଡ୍ ୧, ୨, ୩, ୪ ଆଦି ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ ।

୧୩. ସମୁଦ୍ର ପଟକୁ ସଂପ୍ରତି ରହିଥିବା ସ୍ୱୀକୃତିପ୍ରାପ୍ତ ବିକାଶ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟରୂପେ ଉଲ୍ଲେଖ ରହିବା ଆବଶ୍ୟକ ।

୧୪. ବାତ୍ୟା ଆଶ୍ରୟସ୍ଥଳୀ, ବର୍ଷା ଆଶ୍ରୟସ୍ଥଳୀ, ହେଲିପ୍ୟାଡ୍ ଏବଂ ସଡକ ଯୋଗାଯୋଗ ସମେତ ଅନ୍ୟାନ୍ୟ ଢାଞ୍ଚା ସମ୍ପର୍କରେ ସ୍ପଷ୍ଟ ରୂପେ ସି ଜେଡ୍ ଏମ୍ ମାନଚିତ୍ରରେ ଉଲ୍ଲେଖ ରହିବ; ଯାହାଫଳରେ କି ସୁନାମୀ, ଝଡ଼, ବାତ୍ୟା ଆଦି ସମୟରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ କରାଯାଇପାରିବ ।

**III.** ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଅଧିସୂଚନା, ୧୯୯୧ ଆଧାରରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ।

୧. ସି ଆର୍ ଜେଡ୍ ଅଧିସୂଚନା, ୨୦୧୧ ଆଧାରରେ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ପ୍ରସ୍ତୁତ କରିବା ବେଳେ ଏହାକୁ ସିଆର୍‌ଜେଡ୍ ଅଧିସୂଚନା, ୧୯୯୧ ଆଧାରରେ ସ୍ୱୀକୃତିପ୍ରାପ୍ତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ସହିତ ତୁଳନା କରିବାକୁ ହେବ । ସିଆର୍‌ଜେଡ୍ ଅଧିସୂଚନା, ୧୯୯୧ ଆଧାରରେ ପ୍ରସ୍ତୁତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ଠାରୁ ସିଆର୍‌ଜେଡ୍, ୨୦୧୧ ଆଧାରରେ ପ୍ରସ୍ତୁତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ରେ ପରିବର୍ତ୍ତନ ଘଟୁଥିଲେ ସଂପୃକ୍ତ ଉପକୂଳ ନିୟନ୍ତ୍ରଣ ମଣ୍ଡଳ କର୍ତ୍ତୃପକ୍ଷ ଏହାର ଯଥାର୍ଥତା ପ୍ରତିପାଦନ କରିବେ ।

**IV.** ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ସମ୍ପର୍କରେ ସର୍ବସାଧାରଣଙ୍କ ମତାମତ

(୧) ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ପ୍ରସ୍ତାବିତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ମତାମତ ଓ ଅଭିଯୋଗ ଗ୍ରହଣ କରାଯିବା ଆବଶ୍ୟକ । ସଂପୃକ୍ତ ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ଉପରେ ଜିଲ୍ଲାସ୍ତରୀୟ ଶୁଣାଣି କରାଯିବ ।

(୨) ମିଳିଥିବା ମତାମତ ଓ ଅଭିଯୋଗକୁ ଆଧାର କରି ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP)ର ସମୀକ୍ଷା କରାଯିବା ସହ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ ଅନୁମୋଦନ କରାଯିବ ।

(୩) ସ୍ୱୀକୃତ ଉପକୂଳ ମଣ୍ଡଳ ପରିଚାଳନା ଯୋଜନା(CZMP)କୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବସାଇଟ, ଉକ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟରେ ଉପଲବ୍ଧ କରାଯିବା ସହିତ ପଞ୍ଚାୟତ ଅଫିସ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦିରେ ଏହାର ନକଲ ଉପଲବ୍ଧ ହେବ ।

**V.** ଉପକୂଳ ମଣ୍ଡଳ ପରିଚାଳନା ଯୋଜନା (CZMP) ର ପୁନଃସମୀକ୍ଷା

୧. ଯେତେବେଳେ କୌଣସି ସମୟରେ ସନ୍ଦେହ ସୃଷ୍ଟିହେବ, ସେ ସମୟରେ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଉପକୂଳ ମଣ୍ଡଳ ପରିଚାଳନା କର୍ତ୍ତୃପକ୍ଷ ଏହାକୁ ଜାତୀୟ ଚିରନ୍ତନ ଉପକୂଳ ପରିଚାଳନା କେନ୍ଦ୍ର (NCSCM) ଙ୍କୁ ଜଣାଇ ପାରିବେ; ଯିଏକି ଉପକୂଳ ମଣ୍ଡଳ ପରିଚାଳନା ଯୋଜନା ଆଧାରରେ ଉପଗ୍ରହ ଛବି ଓ ଭୂମିର ସ୍ଥିତି ସମ୍ପର୍କରେ ସତ୍ୟତା ପରୀକ୍ଷା କରିବେ ।

୨. ସଂଶୋଧିତ ମାନଚିତ୍ରକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିକଟରେ ରେକର୍ଡ଼ କରିବା ପାଇଁ ଦାଖଲ କରାଯିବ ।

<u>ପରିଶିଷ୍ଟ – ୨</u>

ସି ଆର୍ ଜେଡ୍ ଅଞ୍ଚଳରେ (ସି ଆର୍ ଜେଡ୍ ୧(କ) ବ୍ୟତିରେକ) ଗଛିତ କରି ରଖିବା ଲାଗି ପେଟ୍ରୋଲଜାତ ଓ ରାସାୟନିକ ପଦାର୍ଥଗୁଡ଼ିକର ତାଲିକା

(କ) ଅଶୋଧିତ ତୈଳ

(ଖ) ତରଳୀକୃତ ପେଟ୍ରୋଲିୟମ ଗ୍ୟାସ

(ଗ) ମୋଟର ସ୍ପିରିଟ୍

(ଘ) କିରୋସିନି

(ଙ) ବିମାନ ଜାଳେଣି

(ଚ) ଦ୍ରୁତ ଗତି ଡିଜେଲ

(ଛ) ଲୁବ୍ରିକେଟିଂ ବା ପିଚ୍ଛିଳ ତୈଳ

(ଜ) ବ୍ୟୁଟେନ୍

(ଝ) ପ୍ରୋପେନ୍

(ଞ) କଂପ୍ରେସ୍ ଅବସ୍ଥାରେ ଥିବା ପ୍ରାକୃତିକ ଗ୍ୟାସ୍ (CNG)

(ଟ) ନାଫ୍‌ଥା

(ଠ) ଫର୍ଣ୍ଣେସ୍ ତୈଳ

(ଡ) ଅଳ୍ପ ସଲ୍‌ଫର ଭାରି ଷ୍ଟକ୍

(ଢ) ତରଳୀକୃତ ପ୍ରାକୃତିକ ଗ୍ୟାସ୍ (LNG)

(ଣ) ରାସାୟନିକ ସାର ଓ ରାସାୟନିକ ସାର ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲ୍

<u>ପରିଶିଷ୍ଟ – ୩</u>

**ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ପ୍ରାକ୍ ସ୍ୱୀକୃତି ଅନୁଯାୟୀ ସି ଆର୍ ଜେଡ୍-୩ ଏବଂ ସି ଆର୍ ଜେଡ୍-୨ ଚିହ୍ନଟ ଅଞ୍ଚଳରେ ପର୍ଯ୍ୟଟକ ବା ପରିଦର୍ଶକଙ୍କ ରହଣି ନିମନ୍ତେ ବେଳାଭୂମି ଆଶ୍ରୟସ୍ଥଳୀ ବା ହୋଟେଲର ବିକାଶ ନିମନ୍ତେ ନିୟମାବଳୀ**

୧. ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ପ୍ରାକ୍ ସ୍ୱୀକୃତି ଅନୁଯାୟୀ ସି ଆର୍ ଜେଡ୍-୨ ଏବଂ ସି ଆର୍ ଜେଡ୍-୩ ଅଞ୍ଚଳରେ ପର୍ଯ୍ୟଟକ ବା ପରିଦର୍ଶକଙ୍କ ରହଣି ନିମନ୍ତେ ବେଳାଭୂମି ଆଶ୍ରୟସ୍ଥଳୀ ବା ହୋଟେଲ ନିର୍ମାଣ ପାଇଁ ନିମ୍ନୋକ୍ତ ନିୟମାବଳୀ ମାନିବାକୁ ହେବ ।

(କ) ଉଚ୍ଚ ଜୁଆର ରେଖାରୁ ସ୍ଥଳଭାଗ ଦିଗରେ ୨୦୦ ମିଟର ପର୍ଯ୍ୟନ୍ତ ଓ ଉଚ୍ଚ ଜୁଆର ରେଖା ଏବଂ ନିମ୍ନ ଜୁଆର ରେଖା ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରକଳ୍ପ ପ୍ରସ୍ତାବକମାନେ ନିର୍ମାଣ କାର୍ଯ୍ୟ କରିପାରିବେ ନାହିଁ ।

(ଖ) ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟ ବିପଦରେଖା ବାହାରେ ବା ଉଚ୍ଚ ଜୁଆର ରେଖାଠାରୁ ୨୦୦ ମିଟର ଦୂରତା, ଯେଉଁଟି ଅଧିକ ଦୂର ହେଇଥିବ, ସେଠାରେ କରାଯିବ ।

(ଗ) ବେସରକାରୀ ଜମି ଚାରି ପଟରେ ଲୁହା ତାର କିମ୍ବା କଞ୍ଚା ଗଛର କଣ୍ଟାବାଡ଼ ଆଦି ଦିଆଯାଇପାରେ । କିନ୍ତୁ ତାହା ଯେପରି ସର୍ବସାଧାରଣଙ୍କ ସମୁଦ୍ରକୂଳକୁ ଯିବାରେ ପ୍ରତିବନ୍ଧକ ହେବନାହିଁ, ସେଥିପ୍ରତି ଦୃଷ୍ଟିଦେବାକୁ ହେବ ।

(ଘ) ବାଲୁକା ସ୍ତୁପକୁ ହଟାଯାଇ ପାରିବ ନାହିଁ ।

(ଙ) ଗୋଲ ପୋଷ୍ଟ, ନେଟପୋଷ୍ଟ ଓ ଲ୍ୟାମ୍ପ ପୋଷ୍ଟ ବ୍ୟତିରେକ କ୍ରୀଡ଼ାର ସୁବିଧା ଲାଗି ଅନ୍ୟ କୌଣସି ସ୍ଥାୟୀ ଢାଞ୍ଚାର ନିର୍ମାଣ କରାଯିବାକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

(ଚ) ଭିତ୍ତି ବା ବେସ୍‌ମେଣ୍ଟ ନିର୍ମାଣ ଲାଗି ଅନୁମତି ଦିଆଯାଇପାରେ, କିନ୍ତୁ ସେହି ନିର୍ମାଣ ଯୋଗୁଁ ଯେପରି ସେ ଅଞ୍ଚଳର ଭୂତଳ ଜଳ ପ୍ରବାହ ପ୍ରଭାବିତ ହେବ ନାହିଁ, ସେ ସମ୍ପର୍କରେ ରାଜ୍ୟ ଭୂତଳ ଜଳସଂସ୍ଥା ଆପତ୍ତିବିହୀନ ପ୍ରମାଣପତ୍ର ଦେବା ଆବଶ୍ୟକ ।

(ଛ) ଏହି ଆପତ୍ତି ବିହୀନ ପ୍ରମାଣପତ୍ର ଦେବା ପୂର୍ବରୁ ରାଜ୍ୟ ଭୂତଳ ଜଳ ସଂସ୍ଥା କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀ ବିଚାରକୁ ନେବେ ।

(ଜ) ଯଦିଓ ବିକାଶ ନିଷିଧ ଅଞ୍ଚଳ ବା ନୋ ଡେଭେଲପମେଣ୍ଟ୍ ଜୋନ୍ ମଧ୍ୟରେ କୌଣସି ପ୍ରକାର ନିର୍ମାଣକୁ ଅନୁମତି ପ୍ରଦାନ କରାଯିବ ନାହିଁ, ତଥାପି ଚଟାଣ ଆୟତନ ମାନର ହିସାବ ଦୃଷ୍ଟିରୁ ପୁରା ପ୍ଲଟ୍‌ଟିର କିଛି ଅଞ୍ଚଳ ଯଦି ଏହି ବିକାଶ ନିଷିଧ ଅଞ୍ଚଳରେ ପଡୁଥାଏ, ତେବେ ତାହା ବିଚାରକୁ ନିଆଯିବ ।

(ଝ) ପ୍ଲଟ୍‌ଟିର ମୋଟ ଅଞ୍ଚଳ ୦.୪ ହେକ୍ଟରରୁ କମ୍ ହେବ ନାହିଁ ଏବଂ ମୋଟ ନିର୍ମାଣ ଅଞ୍ଚଳ ପ୍ଲଟର ଶତକଡ଼ା ୩୩ ଭାଗରୁ ଅଧିକ ହେବନାହିଁ । ଅର୍ଥାତ୍ ଚଟାଣ ଆୟତନ ମାନ କେବେହେଲେ ୦.୩୩ ରୁ ଅଧିକ ହେବନାହିଁ ଏବଂ ଖାଲି ଥିବା ସ୍ଥାନରେ ବିଭିନ୍ନ ବୃକ୍ଷରୋପଣ କରିବାକୁ ହେବ ।

(ଞ) ନିର୍ମାଣ କାର୍ଯ୍ୟ ପାରିପାର୍ଶ୍ୱିକ ପରିବେଶ ଏବଂ ସ୍ଥାନୀୟ ସ୍ଥାପତ୍ୟ ବିଦ୍ୟା ଶୈଳୀରେ କରାଯିବ ।

(ଟ) ନିର୍ମାଣ କାର୍ଯ୍ୟର ମୋଟାମୋଟି ଉଚ୍ଚତା ୯ ମିଟରରୁ ଅଧିକ ହେବ ନାହିଁ ଏବଂ ଢାଞ୍ଚା ନିର୍ମାଣ ଦୁଇ ମହଲାରୁ ଅଧିକ ହେବ ନାହିଁ (ତଳ ମହଲା ଏବଂ ଗୋଟିଏ ଉପର ମହଲା)।

(ଠ) ଉଚ୍ଚ ଜୁଆର ରେଖା (HTL) ଠାରୁ ୨୦୦ ମିଟର ମଧରେ ରହିଥିବା ଭୂତଳ ଜଳ ବାହାର କରିବା ପାଇଁ ଅନୁମତି ଦିଆଯିବ ନାହିଁ । ରାଜ୍ୟ ବା କେନ୍ଦ୍ର ଭୂତଳ ଜଳ ବୋର୍ଡ଼ର ଅନୁମତି ପରେ ହିଁ ୨୦୦ ମିଟରରୁ ୫୦୦ ମିଟର ଅଞ୍ଚଳ ମଧରେ ଜଳ ବାହାର କରାଯାଇ ପାରିବ ।

(ଡ) ଉଚ୍ଚ ଜୁଆର ରେଖା (HTL) ଠାରୁ ୫୦୦ ମିଟର ଅଞ୍ଚଳ ମଧରେ ଘରର ଭିତ୍ତିଭୂମି ନିର୍ମାଣ, ସୁଇମିଙ୍ଗ୍ ପୁଲ ନିର୍ମାଣ ବ୍ୟତିରେକ ବାଲି କାଢ଼ିବା, ସମାନ କରିବା କିମ୍ବା ବାଲିଗଦାକୁ ଖୋଦନ ପାଇଁ ଅନୁମତି ଦିଆଯିବ ନାହିଁ।

(ଢ଼) କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଥା କେନ୍ଦ୍ର ବା ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମାନ ଓ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ନିୟମକୁ ପ୍ରକଳ୍ପ ଅଞ୍ଚଳରେ ଗ୍ରହଣ କରାଯିବ ଏବଂ ଆବର୍ଜନା ଓ କଠିନ ବର୍ଜ୍ୟବସ୍ତୁର ପରିଚାଳନା ଓ ନିର୍ଗମନ ଏବଂ ଶବ୍ଦର ସ୍ତରର ମାନ ସଂପର୍କରେ ଦୃଷ୍ଟି ଦିଆଯିବ ।

(ଣ) କଠିନ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଆବର୍ଜନାର ପରିଚାଳନା ନିମନ୍ତେ ପଦକ୍ଷେପ ନିଆଯିବା ଆବଶ୍ୟକ । କଠିନ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଆବର୍ଜନା ଯେପରି ସମୁଦ୍ର ଉପକୂଳ ବାଲିରେ କିମ୍ବା ପାଣିରେ ନମିଶେ ଏବଂ ସେ ସବୁକୁ ଯେପରି ବେଳାଭୂମିରେ ଜମା କରା ନଯାଏ, ସେଥିପ୍ରତି ଦୃଷ୍ଟି ଦିଆଯିବ ।

(ତ) ବେଳାଭୂମିରେ ସର୍ବସାଧାରଣଙ୍କ ମୁକ୍ତ ଚଳପ୍ରଚଳ ପାଇଁ ସମୁଦ୍ର କୂଳରେ ଥିବା ଦୁଇ ଗୋଟି ହୋଟେଲ ବା ବେଳାଭୂମି ଆଶ୍ରୟ ସ୍ଥଳ ମଧରେ ଅତିକମ୍‌ରେ ୨୦ ମିଟରର ବ୍ୟବଧାନ ରହିବ । କୌଣସି ସ୍ଥିତିରେ ମୋଟ ବ୍ୟବଧାନ ୫୦୦ ମିଟରରୁ କମ୍ ହେବ ନାହିଁ, ଏବଂ

(ଥ) ପ୍ରକଳ୍ପ ନିମିତ୍ତ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ହେଲେ ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ ଅନୁଯାୟୀ ଅନୁମତି ଆଣିବାକୁ ହେବ ଏବଂ ପ୍ରକଳ୍ପ ପାଇଁ ପ୍ରଜୁଯ୍ୟ ହେଉଥିବା କେନ୍ଦ୍ର ବା ରାଜ୍ୟର ଅନ୍ୟାନ୍ୟ ନିୟମ ପୂରଣ କରିବାକୁ ପଡ଼ିବ, ଏବଂ

(ଦ) ପ୍ରକଳ୍ପ ନିମିତ୍ତ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ପର୍ଯ୍ୟଟନ ବିଭାଗଠାରୁ ଅନୁମତି ନେବାକୁ ହେବ।

୨. ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ (ଯଥା- ସମୁଦ୍ରକୂଳ ପାର୍କ, ହେନ୍ତାଳ ବଣ, ପ୍ରବାଳ ଦ୍ୱୀପ, ମାଛମାନଙ୍କ ଅଣ୍ଡାଦେବା ଓ ବିଚରଣ ସ୍ଥଳୀ, ବନ୍ୟପ୍ରାଣୀ ବିଚରଣ ସ୍ଥଳ, କେନ୍ଦ୍ର ବା ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ଅନୁସୂଚିତ ଏହିପରି ଅଞ୍ଚଳ)ରେ ବେଳାଭୂମି ଆଶ୍ରୟସ୍ଥଳ ବା ହୋଟେଲ ଆଦି ନିର୍ମାଣକୁ ଅନୁମତି ପ୍ରଦାନ କରାଯିବ ନାହିଁ ।

<u>ପରିଶିଷ୍ଟ – ୪</u>

## ଫର୍ମ-୧ ଉପକୂଳ ନିୟନ୍ତ୍ରଣ ମଣ୍ଡଳ (CRZ) ଅଧିସୂଚନା ଅନୁଯାୟୀ ପ୍ରକଳ୍ପର ଅନୁମତି ନିମନ୍ତେ

### (କ) ମୌଳିକ ସୂଚନା

ପ୍ରକଳ୍ପର ନାମ :-

ବିଚାରାଧିନ ଅଞ୍ଚଳ ବା ବିକଳ୍ପ ସ୍ଥାନ :-

ପ୍ରକଳ୍ପର ଆକାର (ମୋଟ କ୍ଷେତ୍ରଫଳ ଅନୁଯାୟୀ) :-

ସେହି ଅଞ୍ଚଳର ଉପକୂଳ ନିୟନ୍ତ୍ରଣ ମଣ୍ଡଳ ଶ୍ରେଣୀବିଭାଗ :-

ପ୍ରକଳ୍ପର ଆନୁମାନିକ ମୂଲ୍ୟ :-

ଯୋଗାଯୋଗ ସୂଚନା :-

### (ଖ) କାର୍ଯ୍ୟକଳାପ

୧. ପ୍ରକଳ୍ପର ନିର୍ମାଣ, କାର୍ଯ୍ୟକାରିତା ବା ବନ୍ଦ ଯୋଗୁଁ ସେ ଅଞ୍ଚଳରେ ହେଉଥିବା ଭୌଗୋଳିକ ପରିବର୍ତ୍ତନ (ସ୍ଥଳାକୃତି, ଜମିର ବ୍ୟବହାର, ଜଳାଶୟର ପରିବର୍ତ୍ତନ ଇତ୍ୟାଦି)

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୧.୧ | ଜମି ବ୍ୟବହାର, ଜମି ଆବରଣ, ଜମି ଉପଯୋଗ ବା ଜମି ବ୍ୟବହାର ବୃଦ୍ଧି ସମେତ ସ୍ଥଳାକୃତି କ୍ଷେତ୍ରରେ ସ୍ଥାୟୀ ବା ଅସ୍ଥାୟୀ ପରିବର୍ତ୍ତନ (ସ୍ଥାନୀୟ ଜମି ବ୍ୟବହାର ଯୋଜନା ଅନୁଯାୟୀ) | | |
| ୧.୨ | ଅଧିସ୍ୱୀକୃତ ଉପକୂଳ ପରିଚାଳନା ମଣ୍ଡଳ ଯୋଜନାର ଅନୁମୋଦନ ଅନୁଯାୟୀ ଉପକୂଳ ନିୟନ୍ତ୍ରଣ ମଣ୍ଡଳର ବିଭାଗୀକରଣର ବିଶଦ ତଥ୍ୟ | | |
| ୧.୩ | ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ଅଞ୍ଚଳରେ ଅବସ୍ଥିତ କି ? | | |
| ୧.୪ | ଉପକୂଳ ନିୟନ୍ତ୍ରଣ ମଣ୍ଡଳ-୧ ଅଞ୍ଚଳଠାରୁ ଦୂରତା | | |
| ୧.୫ | ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ବିପଦସଂକୁଳ ଅଞ୍ଚଳରେ ଅବସ୍ଥିତ କି ? | | |

| | | | |
|---|---|---|---|
| ୧.୬ | ଏହି ଅଞ୍ଚଳ ବାତ୍ୟା, ସୁନାମି, ଉଚ୍ଚ ଜୁଆର, ଭୂମିକମ୍ପ ପ୍ରବଣ କି ? | | |
| ୧.୭ | ଏହା ଲୁଣାଜଳ ମାଡୁଥିବା ଅଞ୍ଚଳ କି ? | | |
| ୧.୮ | ସଂପ୍ରତି ରହିଥିବା ଜମି, ବୃକ୍ଷରାଜି ଓ ବାସଗୃହର ଅନୁମତି ପତ୍ର | | |
| ୧.୯ | ନୂତନ ଭାବେ ଜମିର ବ୍ୟବହାର ? | | |
| ୧.୧୦ | ଭୂ-ଗର୍ତ୍ତ, ମୃତ୍ତିକା ପରୀକ୍ଷଣ ଆଦି ପ୍ରାକ୍ ନିର୍ମାଣ ଅନୁସନ୍ଧାନ | | |
| ୧.୧୧ | ନିର୍ମାଣ କାର୍ଯ୍ୟ ? | | |
| ୧.୧୨ | ଭାଙ୍ଗିବା କାର୍ଯ୍ୟ ? | | |
| ୧.୧୩ | ନିର୍ମାଣ ଶ୍ରମିକମାନଙ୍କ ବସବାସ କିମ୍ବା ନିର୍ମାଣ କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବେ ବ୍ୟବହୃତ ଜମି | | |
| ୧.୧୪ | ଭୂମି ଉପରେ କୋଠାବାଡ଼ି, ଢାଞ୍ଚା କିମ୍ବା ଅନ୍ୟାନ୍ୟ ମାଟି କାର୍ଯ୍ୟ ଲାଗି ହେଉଥିବା ଖନନ, ଖାଲ ଭର୍ତ୍ତି ଏବଂ ମାଟି ଖୋଳା କାର୍ଯ୍ୟ | | |
| ୧.୧୫ | ଖଣି ଖନନ କିମ୍ବା ସୁଡଙ୍ଗ ନିର୍ମାଣ ପରି ଭୂ-ତଳ ନିର୍ମାଣକାର୍ଯ୍ୟ | | |
| ୧.୧୬ | ଆବାଦୀକରଣ କାର୍ଯ୍ୟ ? | | |
| ୧.୧୭ | ପଙ୍କ ଉଦ୍ଧାର / ଖୋଳାଖୋଳି / ମାଟି ଭର୍ତ୍ତି/ ଖୋଳାଯାଇଥିବା ବସ୍ତୁ ପକାଇବା | | |
| ୧.୧୮ | ଉପକୂଳ ନିକଟବର୍ତ୍ତୀ ନିର୍ମାଣ ? | | |
| ୧.୧୯ | ଉତ୍ପାଦନ ଓ ନିର୍ମାଣ ପ୍ରଣାଳୀ ? | | |
| ୧.୨୦ | ଜିନିଷପତ୍ର ବା ପଦାର୍ଥ ଗଚ୍ଛିତ କରି ରଖିବାର ବ୍ୟବସ୍ଥା ? | | |
| ୧.୨୧ | କଠିନ ବର୍ଜ୍ୟବସ୍ତୁ ଓ ତରଳ ସ୍ରବଣର ଉପଚାର ଓ ନିଷ୍କାସନ ଲାଗି ବ୍ୟବସ୍ଥା ? | | |

| | | | |
|---|---|---|---|
| ୧.୨୨ | କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ଦୀର୍ଘମିଆଦୀ ବାସଗୃହ ସୁବିଧା ? | | |
| ୧.୨୩ | ନିର୍ମାଣ ଓ କାର୍ଯ୍ୟ ଚାଲିବା ସମୟରେ ନୂତନ ରାସ୍ତା, ରେଳ ଓ ସମୁଦ୍ର ପଥରେ ଯାତାୟତ ବ୍ୟବସ୍ଥା ? | | |
| ୧.୨୪ | ଷ୍ଟେସନ, ବନ୍ଦର, ବିମାନ ବନ୍ଦର ପରି ନୂତନ ତଥା ପରିବର୍ତ୍ତିତ ପଥ, ନୂତନ ସଡ଼କ, ରେଳ, ଆକାଶ ଓ ଜଳପଥ କିମ୍ବା ଅନ୍ୟ ପରିବହନ ଢାଞ୍ଚା | | |
| ୧.୨୫ | ଯାତାୟାତରେ ପରିବର୍ତ୍ତନ ଆଣୁଥିବା ଢାଞ୍ଚା କିମ୍ବା ପୁରାତନ ଯାତାୟାତରେ ପରିବର୍ତ୍ତନ ଅଥବା ବନ୍ଦ କରିବା ? | | |
| ୧.୨୬ | ନୂତନ କିମ୍ବା ପରିବର୍ତ୍ତିତ ପ୍ରସାରଣ ଲାଇନ ଅଥବା ପାଇପ୍ ଲାଇନ ? | | |
| ୧.୨୭ | ଜଳପ୍ରବାହ ଓ ଜଳ ନିଷ୍କାସନର ପରିବର୍ତ୍ତନ କିମ୍ବା ଜଳ ପ୍ରବାହକୁ ଅଟକ ରଖିବା, ବନ୍ଧ ବାନ୍ଧିବା, ନଳାପଥ ନିର୍ମାଣ କରିବା ? | | |
| ୧.୨୮ | ଝରଣା ଓ ନଦୀର ସଂଯୋଗସ୍ଥଳୀ ? | | |
| ୧.୨୯ | ଭୂମି ଉପର କିମ୍ବା ଭୂତଳ ଜଳର ବଦଳ ଅଥବା ପୃଥକୀକରଣ ? | | |
| ୧.୩୦ | ଜଳ ନିଷ୍କାସନକୁ ପ୍ରଭାବିତ କରୁଥିବା ଭୂମିର ଉପରି ଭାଗ କିମ୍ବା ଜଳାଧାରରେ ପରିବର୍ତ୍ତନ ? | | |
| ୧.୩୧ | ନିର୍ମାଣ କାର୍ଯ୍ୟ କିମ୍ବା କାର୍ଯ୍ୟ ବନ୍ଦ ନିମନ୍ତେ ବ୍ୟକ୍ତି ଓ ବସ୍ତୁର ପରିବହନ ? | | |
| ୧.୩୨ | ଦୀର୍ଘ ମିଆଦୀ ଭଙ୍ଗା ଯିବା କାର୍ଯ୍ୟ, କାର୍ଯ୍ୟ ବନ୍ଦ କିମ୍ବା ପୁନଃସ୍ଥାପନ ବ୍ୟବସ୍ଥା | | |
| ୧.୩୩ | କାର୍ଯ୍ୟ ବନ୍ଦ ସମୟରେ ହେଉଥିବା କାର୍ଯ୍ୟକ୍ରମ ଯୋଗୁଁ ପରିବେଶ ଉପରେ ପଡୁଥିବା ପ୍ରଭାବ ? | | |

| | | | |
|---|---|---|---|
| ୧.୩୪ | ଗୋଟିଏ ଅଞ୍ଚଳକୁ ସାମୟିକ ଭାବେ ବା ସ୍ଥାୟୀ ଭାବେ ମାଡ଼ି ଆସୁଥିବା ଜନସମୂହ ? | | |
| ୧.୩୫ | ଅଜଣା ଜୀବଙ୍କ ପ୍ରବେଶ ? | | |
| ୧.୩୬ | ସ୍ଥାନୀୟ ଜୀବଜନ୍ତୁଙ୍କ ହାନୀ କିମ୍ବା ଜିନୀୟ ବିବିଧତା ? | | |
| ୧.୩୭ | ଅନ୍ୟ କୌଣସି କାର୍ଯ୍ୟ ? | | |

୨. ପ୍ରକଳ୍ପ କାର୍ଯ୍ୟ କିମ୍ବା ନିର୍ମାଣ ପାଇଁ ଉପଯୋଗ ହେଉଥିବା ପ୍ରାକୃତିକ ସମ୍ବଳ (ଯଥା ଜମି, ଜଳ, ପଦାର୍ଥ, ଶକ୍ତି ପରି ଅନ୍ୟାନ୍ୟ ସମ୍ବଳ ଯାହାକୁ ପୁନର୍ବାର ସୃଷ୍ଟି କରାଯାଇ ପାରିବ ନାହିଁ କିମ୍ବା ଯାହା ସୀମିତ ପରିମାଣରେ ଉପଲବ୍ଧ) :

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୨.୧ | ଅନୁର୍ବର ଜମି କିମ୍ବା ଚାଷ ଜମି (ହେକ୍ଟର) | | |
| ୨.୨ | ଜଳ ? (ଏହାର ଉତ୍ସ ଓ ବ୍ୟବହାରକାରୀ)<br>ୟୁନିଟ୍ : କେଏଲ୍‌ଡି | | |
| ୨.୩ | ଖଣିଜ ଦ୍ରବ୍ୟ (ମେଟ୍ରିକ ଟନ୍) | | |
| ୨.୪ | ନିର୍ମାଣ ଉପକରଣ - ପଥର, ବାଲି / ମାଟି (ସମ୍ଭାବ୍ୟ ଉତ୍ସ- ମେଟ୍ରିକ ଟନ୍) | | |
| ୨.୫ | ଜଙ୍ଗଲ ଓ କାଠ (ଉତ୍ସ - ମେଟ୍ରିକ ଟନ୍) | | |
| ୨.୬ | ବିଦ୍ୟୁତ୍ ଓ ଜାଳେଣି ଆଦି ଶକ୍ତିର ଉତ୍ସ (ଉତ୍ସ ଓ ଏହାର ବ୍ୟବହାରକାରୀ) ୟୁନିଟ୍ : ଜାଳେଣି (ମେଟ୍ରିକ ଟନ୍), ଶକ୍ତି (ମେଗାୱାଟ୍) | | |
| ୨.୭ | ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ (ଉପଯୁକ୍ତ ୟୁନିଟ୍‌ର ବ୍ୟବହାର କରନ୍ତୁ) | | |

୩. ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ କ୍ଷତିର ଆଶଙ୍କା ଥିବା କିମ୍ବା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ମଣିଷ ସ୍ୱାସ୍ଥ୍ୟ ପ୍ରତି କ୍ଷତି ପହଞ୍ଚାଉଥିବା ଦ୍ରବ୍ୟ କିମ୍ବା ବସ୍ତୁର ଉତ୍ପାଦନ, ଭଣ୍ଡାରକରଣ, ପରିବହନ ଓ ବ୍ୟବହାର

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୩.୧ | ମଣିଷର ସ୍ୱାସ୍ଥ୍ୟ କିମ୍ବା ପରିବେଶ (ଗୁଳ୍ମ, ଜଳପୃଷ୍ଠ ଏବଂ ଜଳଧାର) ପ୍ରତି କ୍ଷତିକାରକ (MSIHC ନିୟମ ଅନୁଯାୟୀ) ହେବାର ଆଶଙ୍କା ଥିବା ଦ୍ରବ୍ୟ ବା ବସ୍ତୁର ବ୍ୟବହାର | | |
| ୩.୨ | ରୋଗ ହେବାରେ ପରିବର୍ତ୍ତନ କିମ୍ବା ରୋଗ ସଂକ୍ରମଣକାରୀ ବାହକ ଉପରେ ପ୍ରଭାବ (କୀଟ କିମ୍ବା ଜଳ ଜନିତ ରୋଗ) | | |
| ୩.୩ | ଜନସାଧାରଣଙ୍କ ଦୈନନ୍ଦିନ ଜୀବନର ପରିବେଶ ବଦଳିବା ଯୋଗୁଁ ପ୍ରଭାବିତ ହେଉଥିବା ଜନକଲ୍ୟାଣ | | |
| ୩.୪ | ପ୍ରକଳ୍ପ ଯୋଗୁଁ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବା ଜନସାଧାରଣ ଗୋଷ୍ଠୀ ଅର୍ଥାତ୍ ଡାକ୍ତରଖାନାର ରୋଗୀ, ଶିଶୁ, ବୟସ୍କ ବ୍ୟକ୍ତି ଇତ୍ୟାଦି | | |
| ୩.୫ | ଅନ୍ୟ କୌଣସି କାରଣ ଯାହାକି ସ୍ଥାନୀୟ ଗୋଷ୍ଠୀ, ମତ୍ସ୍ୟଜୀବୀ, ସେମାନଙ୍କ ଜୀବନଜୀବିକା ଓ ପାରମ୍ପରିକ ସ୍ଥାନୀୟ ଗୋଷ୍ଠୀଙ୍କ ବାସଗୃହକୁ ପ୍ରଭାବିତ କରିବ । | | |

୪. ନିର୍ମାଣ ବା କାର୍ଯ୍ୟ ଚାଲିବା ସମୟରେ ଅଥବା କାର୍ଯ୍ୟ ବନ୍ଦ ବେଳେ ସୃଷ୍ଟି ହେଉଥିବା କଠିନ ବର୍ଜ୍ୟବସ୍ତୁ (ମାସ ପ୍ରତି ମେଟ୍ରିକଟନ୍)

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୪.୧ | ବର୍ଜ୍ୟବସ୍ତୁ, ଜମା ହେଉଥିବା ପଦାର୍ଥ କିମ୍ବା ଖଣିଜ ବର୍ଜ୍ୟବସ୍ତୁ | | |
| ୪.୨ | ପୌରାଞ୍ଚଳ ବର୍ଜ୍ୟବସ୍ତୁ (ଘରୋଇ କିମ୍ବା ବ୍ୟବସାୟିକ ବର୍ଜ୍ୟବସ୍ତୁ ) | | |

| | | | |
|---|---|---|---|
| ୪.୩ | କ୍ଷତିକାରକ ବର୍ଜ୍ୟବସ୍ତୁ (କ୍ଷତିକାରକ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁଯାୟୀ) | | |
| ୪.୪ | କଳକାରଖାନା ଯୋଗୁଁ ସୃଷ୍ଟି ହେଉଥିବା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ | | |
| ୪.୫ | ବଳକା ଉତ୍ପାଦନ | | |
| ୪.୬ | ଆବର୍ଜନା ଉପଚାର ଯାଗୁଁ ସୃଷ୍ଟି ହେଉଥିବା ପଚମାନ ପଙ୍କ କିମ୍ବା ଅନ୍ୟାନ୍ୟ ପଙ୍କ | | |
| ୪.୭ | ନିର୍ମାଣ ଏବଂ ଭଙ୍ଗା ସମୟରେ ସୃଷ୍ଟି ହେଉଥିବା ଆବର୍ଜନା | | |
| ୪.୮ | ଅତ୍ୟଧିକ ଯନ୍ତ୍ରପାତି ଏବଂ ଉପକରଣ | | |
| ୪.୯ | ପ୍ରଦୂଷିତ ମାଟି କିମ୍ବା ଅନ୍ୟାନ୍ୟ ବସ୍ତୁ | | |
| ୪.୧୦ | କୃଷିଜାତ ଆବର୍ଜନା | | |
| ୪.୧୧ | ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁ | | |

୫. ବାୟୁ ପ୍ରଦୂଷଣକାରୀ କୌଣସି ବିଷାକ୍ତ ଏବଂ କ୍ଷତିକାରକ ପଦାର୍ଥ ବାୟୁମଣ୍ଡଳକୁ ଛଡ଼ାଯିବା (ଘଣ୍ଟା ପ୍ରତି କି.ଗ୍ରା.ରେ)

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୫.୧ | ସ୍ଥାୟୀ କିମ୍ବା ଭ୍ରାମ୍ୟମାଣ ଉତ୍ସରୁ ଭୂତଳ ଇନ୍ଧନର ଦହନରୁ ନିର୍ଗତ ପଦାର୍ଥ | | |
| ୫.୨ | ଉତ୍ପାଦନ କ୍ରିୟା ସମୟରେ ନିର୍ଗତ ପଦାର୍ଥ | | |
| ୫.୩ | ବସ୍ତୁର ବ୍ୟବହାର, ଭଣ୍ଡାରକରଣ, ବ୍ୟବହାରଜନିତ କାର୍ଯ୍ୟ ଏବଂ ନିର୍ମାଣ ଯୋଗୁଁ ନିର୍ଗତ ପଦାର୍ଥ | | |
| ୫.୪ | କାରଖାନା ଏବଂ ଅନ୍ୟାନ୍ୟ ଉପକରଣର ବ୍ୟବହାରଜନିତ କାର୍ଯ୍ୟ ଏବଂ ନିର୍ମାଣ ଯୋଗୁଁ ନିର୍ଗତ ପଦାର୍ଥ | | |

| | | | |
|---|---|---|---|
| ୫.୫ | ନିର୍ମାଣ ବସ୍ତୁର ବ୍ୟବହାର, ନର୍ଦ୍ଦମା ମଇଳା ଏବଂ ବର୍ଜ୍ୟବସ୍ତୁ ବ୍ୟବହାର ସମୟରେ ସୃଷ୍ଟି ହେଉଥିବା ଦୁର୍ଗନ୍ଧ ଓ ଧୂଳିକଣା | | |
| ୫.୬ | ବର୍ଜ୍ୟବସ୍ତୁ ବ୍ୟବହାର ସମୟରେ ନିର୍ଗମନ | | |
| ୫.୭ | ଖୋଲାରେ ବର୍ଜ୍ୟବସ୍ତୁକୁ ପୋଡ଼ିବା ସମୟରେ ନିର୍ଗମନ (ଅର୍ଥାତ୍ ନିର୍ମାଣ ଜନିତ ଆବର୍ଜନା ଏବଂ ବିଭିନ୍ନ ଗୁଣ୍ଡ ଇତ୍ୟାଦି) | | |
| ୫.୮ | ଅନ୍ୟାନ୍ୟ କାରଣ ଯୋଗୁଁ ନିର୍ଗତ ପଦାର୍ଥ | | |

୬. କମ୍ପନ ଓ ଶବ୍ଦର ସୃଷ୍ଟି ଏବଂ ଉତ୍ତାପ ତଥା ଆଲୋକ ନିର୍ଗମନ

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୬.୧ | ଇଞ୍ଜିନ୍, ବାୟୁ ସଞ୍ଚାଳନ କାରଖାନା, କ୍ରସର ଆଦି ଉପକରଣର ବ୍ୟବହାର ଯୋଗୁଁ | | |
| ୬.୨ | କଳକାରଖାନା ଅଥବା ସେହିପରି କାର୍ଯ୍ୟ ଯୋଗୁଁ | | |
| ୬.୩ | ନିର୍ମାଣ ଏବଂ ଭଙ୍ଗାଭଙ୍ଗି କାର୍ଯ୍ୟ ଯୋଗୁଁ | | |
| ୬.୪ | ବ୍ଲାଷ୍ଟିଂ କରି ଫଟାଇବା କିମ୍ବା ଗଦାଇବା ଯୋଗୁଁ | | |
| ୬.୫ | ନିର୍ମାଣ କାର୍ଯ୍ୟ କିମ୍ବା ଯାତାୟତ ଯୋଗୁଁ | | |
| ୬.୬ | ଆଲୋକିତ କରିବା କିମ୍ବା ଶୀତଳୀକରଣ ବ୍ୟବସ୍ଥା ଯୋଗୁଁ | | |
| ୬.୭ | ଅନ୍ୟ କୌଣସି କାରଣ ଯୋଗୁଁ | | |

୭. ପ୍ରଦୂଷଣ ସୃଷ୍ଟିକାରୀ ବସ୍ତୁ ବା ଦ୍ରବ୍ୟ ଭୂମି ଉପରର ଜଳ, ଭୂତଳ ଜଳ, ଉପକୂଳ ଜଳ କିମ୍ବା ସମୁଦ୍ର ଜଳକୁ ଛଡ଼ାଯିବା ଯୋଗୁଁ ଜମି ଓ ଜଳ ପ୍ରଦୂଷିତ ହେବାର ଆଶଙ୍କା:

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୭.୧ | କ୍ଷତିକାରକ ବସ୍ତୁର ଭଣ୍ଡାରକରଣ, ବ୍ୟବହାର ଏବଂ ଉପଯୋଗ ଯୋଗୁଁ | | |
| ୭.୨ | ପଙ୍କ କିମ୍ବା ଅନ୍ୟାନ୍ୟ ମଇଳାକୁ ଜଳ ଓ ଜମିକୁ ଛଡ଼ାଯିବା ଯୋଗୁଁ (ସମ୍ଭାବ୍ୟ ଛଡ଼ାଯିବା ସ୍ଥାନ ଏବଂ ପ୍ରକାର) | | |
| ୭.୩ | ପ୍ରଦୂଷଣ ସୃଷ୍ଟିକାରୀ ବସ୍ତୁକୁ ବାୟୁ, ଜମି କିମ୍ବା ଜଳକୁ ଛାଡ଼ିବା ଯୋଗୁଁ | | |
| ୭.୪ | ଅନ୍ୟାନ୍ୟ କାରଣ ଯୋଗୁଁ | | |
| ୭.୫ | ଏହିସବୁ ପ୍ରଦୂଷଣ ସୃଷ୍ଟିକାରୀ ଉତ୍ସଗୁଡ଼ିକ ପକ୍ଷରୁ ଅଧିକ ଦିନ ପାଇଁ କ୍ଷତିର ଆଶଙ୍କା ରହିଛି କି ? | | |

୮. ପ୍ରକଳ୍ପର କାର୍ଯ୍ୟ କିମ୍ବା ନିର୍ମାଣ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କ୍ଷତି ପହଞ୍ଚାଇବାକୁ ଥିବା ଦୁର୍ଘଟଣାର ଆଶଙ୍କା

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୮.୧ | ବିସ୍ଫୋରଣ, ଅଗ୍ନିକାଣ୍ଡ, ଭଣ୍ଡାରକରଣ ଏବଂ ଆଶଙ୍କା ଥିବା କ୍ଷତିକାରକ ବସ୍ତୁଗୁଡ଼ିକର ଉତ୍ପାଦନ କିମ୍ବା ବ୍ୟବହାର ଯୋଗୁଁ | | |
| ୮.୨ | ଅନ୍ୟ କୌଣସି କାରଣ ଯୋଗୁଁ | | |
| ୮.୩ | ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେଉଥିବା ପରିବେଶଜନିତ କ୍ଷୟକ୍ଷତି ଫଳରେ ଏହି ପ୍ରକଳ୍ପ ପ୍ରଭାବିତ ହେବ କି (ବନ୍ୟା, ଭୂମିକମ୍ପ, ଭୂ-ସ୍ଖଳନ, ବାଦଲ ଫାଟିବା ଇତ୍ୟାଦି) ? | | |

୯. ଜନସାଧାରଣ ବସବାସ କରୁଥିବା ଅଞ୍ଚଳରେ ସ୍ଥାୟୀ କିମ୍ବା ଯୋଜନାବଦ୍ଧ କାର୍ଯ୍ୟ ଯୋଗୁଁ ପରିବେଶକୁ ଯଥେଷ୍ଟ ପ୍ରଭାବିତ କରୁଥିବା ବିଷୟ (ଯେପରି ଆନୁସଙ୍ଗିକ ବିକାଶ)

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୯.୧ | ସହଯୋଗର ବିକାଶ ଆଡ଼କୁ :<br>ପ୍ରକଳ୍ପର ସୁବିଧା ସୁଯୋଗ ଓ ବିକାଶ ଯୋଗୁଁ ହେଉଥିବା ପାରିପାର୍ଶ୍ୱିକ ପରିବର୍ତ୍ତନ ଫଳରେ ପରିବେଶ ଉପରେ ପଡୁଥିବା ପ୍ରଭାବ ଅର୍ଥାତ୍<br>ସହଯୋଗୀ ଢାଞ୍ଚା (ସଡ଼କ, ବିଦ୍ୟୁତ୍ ଯୋଗାଣ, ବର୍ଜ୍ୟବସ୍ତୁ କିମ୍ବା ମଇଳା ଜଳ ପରିଚାଳନା ଇତ୍ୟାଦି)<br>ବାସଗୃହ ବିକାଶ<br>ଉତ୍‌ଖନନ କଳକାରଖାନା<br>ଯୋଗାଣକାରୀ କାରଖାନା<br>ଅନ୍ୟାନ୍ୟ | | |
| ୯.୨ | ଅଞ୍ଚଳର ପରବର୍ତ୍ତୀ ବ୍ୟବହାର ଉପରେ ପରିବେଶଜିନତ ପ୍ରଭାବ | | |
| ୯.୩ | ପରବର୍ତ୍ତୀ ବିକାଶ ଲାଗି ଦୃଷ୍ଟାନ୍ତର ସୃଷ୍ଟି | | |
| ୯.୪ | ଅବ୍ୟବହିତ ସାନ୍ନିଧ ଯୋଗୁଁ ଅନ୍ୟାନ୍ୟ ସ୍ଥାୟୀ ଓ ଯୋଜନାବଦ୍ଧ ପ୍ରକଳ୍ପ ଉପରେ ସମାନ ପ୍ରଭାବ କିମ୍ବା କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ | | |

**(ଗ) ପରିବେଶଗତ ସମ୍ବେଦନଶୀଳତା**

| କ୍ର.ନଂ. | ସୂଚନା/ଯାଞ୍ଚର ବୈଧତା | ହଁ/ନା | ସମ୍ପୂର୍ଣ୍ଣ ତଥ୍ୟସୂଚନାର ଆଧାର ସହ (ହାରାହାରି ପରିମାଣ/ ମୂଲ୍ୟ, ଯେଉଁଠି ସମ୍ଭବ) |
|---|---|---|---|
| ୧ | ଜାତୀୟ ଓ ଆନ୍ତର୍ଜାତୀୟ ଘୋଷଣାନାମା କିମ୍ବା ସ୍ଥାନୀୟ ଆଇନ ଦ୍ୱାରା ଜୈବିକ, ସାଂସ୍କୃତିକ କିମ୍ବା ଅନ୍ୟାନ୍ୟ ମୂଲ୍ୟବୋଧ ଦୃଷ୍ଟିରୁ ସୁରକ୍ଷିତ ଅଞ୍ଚଳ | | |

| | | | |
|---|---|---|---|
| ୨ | ଜୈବିକ ଦୃଷ୍ଟିରୁ ମୂଲ୍ୟବାନ ଓ ସମ୍ବେଦନଶୀଳ ଅଞ୍ଚଳ - ଆର୍ଦ୍ରଭୂମି, ଜଳଉସ୍ତ କିମ୍ବା ଅନ୍ୟାନ୍ୟ ଜଳକ୍ଷେତ୍ର, ଉପକୂଳ ଅଞ୍ଚଳ, ଜୈବ ପରିବେଶ, ପାର୍ବତ୍ୟାଞ୍ଚଳ, ଜଙ୍ଗଲ | | |
| ୩ | ଗୁରୁତ୍ୱପୂର୍ଣ ଓ ସମ୍ବେଦନଶୀଳ ଜୀବଜନ୍ତୁ ଯଥା ଉଦ୍ଭିଦମାନଙ୍କର ବଂଶବୃଦ୍ଧି, ବସବାସ, ଯାତାୟତର ସୁବିଧା ଲାଗି ବ୍ୟବହାର ହେଉଥିବା ସୁରକ୍ଷିତ ଅଞ୍ଚଳ | | |
| ୪ | ଭୂମି ଉପର, ଉପକୂଳ, ସମୁଦ୍ର କୂଳ କିମ୍ବା ଭୂତଳ ଜଳ | | |
| ୫ | ରାଜ୍ୟ, ରାଷ୍ଟ୍ରର ସୀମା | | |
| ୬ | ଅବସର ବିନୋଦନ ପାଇଁ ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହୃତ ଅଞ୍ଚଳ ବା ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳଭାବେ ପରିଗଣିତ ପଥ ତଥା ସୁବିଧା | | |
| ୭ | ପ୍ରତିରକ୍ଷା ସମ୍ବନ୍ଧୀୟ ସ୍ଥାନ | | |
| ୮ | ଘନ ଜନବହୁଳ କିମ୍ବା କୋଠାବାଡ଼ି ଥିବା ଅଞ୍ଚଳ | | |
| ୯ | ମାନବକୃତ ସମ୍ବେଦନଶୀଳ ଅଞ୍ଚଳର ବ୍ୟବହାର (ଡାକ୍ତରଖାନା, ସ୍କୁଲଗୃହ, ଧାର୍ମିକସ୍ଥଳୀ, ଗୋଷ୍ଠୀଗତ ସୁବିଧା) | | |
| ୧୦ | ଉଚ୍ଚମାନ, ଗୁଣ ଓ ବିରଳ ସମ୍ବଳଯୁକ୍ତ କ୍ଷେତ୍ର (ଭୂତଳ ଜଳ ସମ୍ବଳ, ଭୂଭାଗର ସମ୍ବଳ, ଜଙ୍ଗଲ, କୃଷି, ମତ୍ସ୍ୟଚାଷ, ପର୍ଯ୍ୟଟନ, ଖଣିଜ ସମ୍ପଦ) | | |
| ୧୧ | ପ୍ରଦୂଷଣମୁକ୍ତ କିମ୍ବା ପରିବେଶ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ (ଯେଉଁଠି ଆଇନଗତ ଭାବେ ପରିବେଶର ମାନ ଉଲ୍ଲଘଂନ କରାଯାଇଥିବ) | | |
| ୧୨ | ପ୍ରାକୃତିକ ବିପଦ ଯୋଗୁଁ କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳ ଯାହାଦ୍ୱାରା ପ୍ରକଳ୍ପଟି ବର୍ତ୍ତମାନର ପରିବେଶଗତ ସମସ୍ୟାର କାରଣ ହୋଇପାରେ (ଭୂକମ୍ପ, ଭୂସ୍ଖଳନ, ଅବକ୍ଷୟ, ବନ୍ୟାଜଳ ମାଡିଯିବା କିମ୍ବା ଅତ୍ୟନ୍ତ ଖରାପ ଜଳବାୟୁ ଅବସ୍ଥା) | | |